ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ଅଗଷ୍ଟ, ୨୦୨୧

**ଏଣିକି ଜରୁରୀ ସେବା ପାଇଁ ୧୧୨**

ଭୁବନେଶ୍ୱର,(ବ୍ୟୁରୋ): ଭୁବନେଶ୍ୱର ସହରାଞ୍ଚଳ (ଡାଏଲ୍ ୧୦୦) ଏବେ (ଡାଏଲ୍ ୧୧୨) ସହିତ ମିଶ୍ରଣ ହୋଇଛି। ତେଣୁ ଭୁବନେଶ୍ୱର ସମେତ ପୋଲିସ ଏବଂ ଅନ୍ୟାନ୍ୟ ଜରୁରିକାଳୀନ ସହାୟତା ପାଇଁ ୧୧୨କୁ ଫୋନ୍ କରିବା ନିମନ୍ତେ ଜନସାଧାରଣଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟ୍ ଯୋଗେ ନିବେଦନ କରାଯାଇଛି। ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ସମସ୍ତ ଜରୁରିକାଳୀନ ସେବା ପାଇଁ ଟେଲିଫୋନ୍ ନଂ-୧୧୨ର ଶୁଭାରମ୍ଭ କରାଯାଇଥିଲା। ଏହା ପରେ ବି ଲୋକମାନେ ଜରୁରୀ ସେବା ପାଇଁ ୧୦୦କୁ ଫୋନ କରୁଥିଲେ। ତେଣୁ ଲୋକଙ୍କ ଅବଗତ ନିମନ୍ତେ ଓଡ଼ିଶା ପୋଲିସ ପକ୍ଷରୁ ପୁନର୍ବାର ସୂଚନା ଦିଆଯାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଯୋଗ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ଉତ୍କଳ ସାମ୍ବାଦିକ ସଂଘ ସଭାଗୃହ. କେଶରୀ ହଲ ପଛପାର୍ଶ୍ୱ, ପୂର୍ବାହ୍ନ ୧୧ଟା।
- .ଭାଜପା ପକ୍ଷରୁ ଷ୍ଟାଫ ସିଲେକ୍ସନ ଅଫିସ ଘେରାଉ, ସଚିବାଳୟ ପଛପଟ ପେଟ୍ରୋଲପମ୍ପଠାରୁ ଆରମ୍ଭ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୨୮୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୬।୮(ବ୍ୟୁରୋ): ଭରତପୁର ଥାନା ପୋଲିସ ସୋମବାର ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭରତପୁର ଥାନା ଅଧୀନ ତାରିଣୀ ବସ୍ତିର ଶୁକ୍ରୁ ପାତ୍ର(୨୫)। ତାଙ୍କଠାରୁ ୨୮୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ। ସେ ଭଦ୍ରକରୁ ଏହି ବ୍ରାଉନସୁଗାର ଆଣିଥିଲେ ବୋଲି ପୋଲିସକୁ କହିଛନ୍ତି। ବ୍ରାଉନସୁଗାର କାହାଠାରୁ ଆଣିଲେ, କେତେ ଦିନ ହେଲା ଏହି କାରବାର କରୁଛନ୍ତି ଏସବୁ ଦିଗକୁ ନେଇ ପୋଲିସ ଏନ୍‌ଡିପିସି ଆକ୍ଟରେ ଏକ ମାମଲା (ନଂ-୨୭୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ସୋମବାର ସକାଳ ପ୍ରାୟ ୭ଟାରେ ଶୁକ୍ରୁ ବ୍ରାଉନସୁଗାର ନେଇ ଚନ୍ଦକା ରୋଡରେ ଯାଉଥିବା ବେଳେ ପୋଲିସ ଖବର ପାଇ ଚଢ଼ାଉ କରି ତାଙ୍କୁ ଧରିଥିଲା।

### କିନ୍ନରଙ୍କ ପାଇଁ ଖୋଲିଲା ସ୍ୱୀକୃତି ହୋମ୍

ଭୁବନେଶ୍ୱର, ୧୬।୮(ବ୍ୟୁରୋ)- ଥାର୍ଡ ଜେଣ୍ଡର ୱେଲ୍‌ଫେୟାର ଟ୍ରଷ୍ଟ ଏବଂ ଦି ହ୍ୟୁମାନିଟିର ମିଳିତ ଆନୁକୂଲ୍ୟରେ ରବିବାର ଭରତପୁରଠାରେ ସ୍ୱୀକୃତି ହୋମ୍ ଉଦ୍‌ଘାଟିତ ହୋଇଛି। କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଥଇଥାନ ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଛି ବୋଲି ଅନୁଷ୍ଠାନର ଅଧକ୍ଷା ମେଘନା ସାହୁ କହିଛନ୍ତି। ଉତ୍ସବରେ ଭରତପୁର ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଏସ୍ଏସ୍ଇପିଡି ବିଭାଗର କନ୍‌ସଲଟାଣ୍ଟ ସୁଶ୍ରୀ ବେହେରା, ଦି ହ୍ୟୁମାନିଟିର ଅଧକ୍ଷ ଶ୍ରୀକାନ୍ତ ସାମନ୍ତରାୟ, ସମ୍ପାଦକ ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ୬୪ଜଣଙ୍କୁ 'ନିଶିଗନ୍ଧା ପ୍ରକୃତିବନ୍ଧୁ ସମ୍ମାନ'

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)- ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟ, ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ରୂପେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ଼. ହୃଷୀକେଶ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଓଡିଶା ରାଜ୍ୟ ରାଜଭାଷା ବିକାଶ ପରିଷଦ ଅଧକ୍ଷ ନାରାୟଣ ମୁଦୁଲି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ଡେପୁଟି କଲେକ୍ଟର ସୀତାଂଶୁ ତ୍ରିପାଠୀ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା କ୍ଷେତ୍ରରେ ୬୪ ଜଣଙ୍କୁ 'ନିଶିଗନ୍ଧା ପ୍ରକୃତିବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଗୋବିନ୍ଦ ଚନ୍ଦ୍ର ଫାରକ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ନିରଦ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ ବଳରାମ ତରାଇ, ସରସ୍ୱତୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ସ୍ୱାଧୀନ ଭାରତ' ଶୀର୍ଷକ କବିତା ଆସର ହୋଇଥିଲା।

### ୫୨ୟୁନିଟ୍ ରକ୍ତ ସଂଗ୍ରହ

ବାଲକାଟୀ,୧୬।୮(ଡି.ଏନ୍.ଏ.)- ସ୍ୱାଧୀନତା ପାଳନ ଅବସରରେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ପ୍ରେସ୍ କ୍ଲବ ଓ କମିଶନରେଟ ପୋଲିସର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଖବରଦାତା ପ୍ରଦୋଷ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ବାଲିଅନ୍ତା ବ୍ଲକ ଅଧକ୍ଷା ସୁଚିତ୍ରା ଜେନା ମଣି, ବିଡିଓ ଜୟଦେବ ଦାସ, ବିଜେଡି ମହିଳା ମୋର୍ଚ୍ଚା ସମ୍ପାଦିକା ସୁଶ୍ରୀ କବିତା ମଞ୍ଜରି ପରିଡ଼ା, ସରପଞ୍ଚ ଭାଗ୍ୟଧର ନନ୍ଦୀ, ଥାନାଧିକାରୀ ଯୁବରାଜ ସ୍ୱାଇଁ, ଏସିପି ଲଳିତେନ୍ଦୁ ମହାନ୍ତି, ବାଲକାଟୀ ଫାଣ୍ଡି ଅଧିକାରୀ ମନଜିତ ଅଲ୍ଲୀ ଖାନ, ସାମାଜିକ କର୍ମୀ ବେଣୁଧର ଭୋଇ, ସମର୍ପିତ ଅଧକ୍ଷ ସଦାଶିବ ଜେନା, ଶିବ ମଲ୍ଲିକ, ତାପସ ଜେନା, ଲକ୍ଷଣ ପଟ୍ଟନାୟକ ଯୋଗଦେଇଥିଲେ। ଶିବିରରେ ୫୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବ ସଭାପତି ସୋମନାଥ ସ୍ୱାଇଁ ଓ ସମ୍ପାଦକ ମନୋଜ ମଣ୍ଡଳ ପରିଚାଳନା କରିଥିଲେ।

# ନକଲି ସିମେଣ୍ଟ କାରଖାନା ଠାବ

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସିମେଣ୍ଟ ଜବତ: ମାଲିକ ଗିରଫ
- ଦାମୀ କମ୍ପାନୀ ଲୋଗୋ ଲଗାଇ ନକଲି ସିମେଣ୍ଟ ବିକୁଥିଲେ

ଭୁବନେଶ୍ୱର,୧୬।୮(ବ୍ୟୁରୋ):



ରାଜଧାନୀ ଉପକଣ୍ଠ ପାତ୍ରପଡ଼ାରେ ପୋଲିସ ଆଖିରେ ଧୂଳି ଦେଇ ଦୀର୍ଘ ବର୍ଷ ଧରି ଚାଲୁଥିଲା ନକଲି ସିମେଣ୍ଟ କାରଖାନା। ଏହି କାରଖାନାରେ ନକଲି ସିମେଣ୍ଟ ପ୍ରସ୍ତୁତ କରାଯାଇ ବିଭିନ୍ନ ଦାମୀ କମ୍ପାନୀର ଲୋଗୋ ଲଗାଇ ପ୍ୟାକିଂ କରାଯାଉଥିଲା। ପରେ ଏହାକୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ଘଟଣା ସମ୍ପର୍କରେ ଏକ ଘରୋଇ ଡିଟେକ୍ଟିଭ୍ ସଂସ୍ଥା ଠାରୁ ସୂଚନା ପାଇ କମିଶନରେଟ୍ ପୋଲିସର ତମାଣ୍ଡୋ ଥାନା ପୋଲିସ ସୋମବାର ଏହି କାରଖାନାରେ ଚଢ଼ାଉ କରିଥିଲା। ଏହି ସମୟରେ କାରଖାନାରୁ ବିପୁଳ ପରିମାଣର ସିମେଣ୍ଟ ଜବତ କରାଯିବା ସହ ବିଭିନ୍ନ ଦାମୀ କମ୍ପାନୀର ଅବିକଳ ବସ୍ତା ଜବତ କରାଯାଇଥିଲା। ଜବତ ସିମେଣ୍ଟର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏନେଇ ପୋଲିସ ଉକ୍ତ କାରଖାନାର ମାଲିକ ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜରେ ରହୁଥିବା ବିଜୟ କୁମାର ଶିବାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ଜବତ ସିମେଣ୍ଟର ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଲାବ୍‌କୁ ପଠାଯାଇଥିବା ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକ କହିଛନ୍ତି। ବିଜୟ କୁମାରଙ୍କ ନାମରେ ଜଗଦମ୍ବା ସିମେଣ୍ଟ ପ୍ରସ୍ତୁତି ନେଇ ଟ୍ରେଡ୍ ଲାଇସେନ୍ସ ରହିଥିବାବେଳେ ସେ ବେଆଇନ ଭାବେ ଅନ୍ୟ କମ୍ପାନୀ ଲୋଗା ଲଗାଇ ବ୍ୟବସାୟ କରୁଥିଲେ।

ସୂଚନା ଅନୁଯାୟୀ, ତମାଣ୍ଡୋ ଥାନା ପାତ୍ରପଡ଼ା ଭଗବାନପୁରରେ ପ୍ରାୟ ୨୦୦୧ରୁ ବିଜୟ ଏହି କାରଖାନା ଚଳାଇ ଆସୁଥିଲେ। ତେବେ ଜଗଦମ୍ବା ସିମେଣ୍ଟ ପ୍ରସ୍ତୁତି କରିବାକୁ ଅନୁମତି ଥିବାବେଳେ ସେ ନକଲି ସିମେଣ୍ଟ ପ୍ରସ୍ତୁତ କରି ଅନ୍ୟ କମ୍ପାନୀ ନାମରେ ବିକ୍ରି କରୁଥିଲେ। ଏନେଇ ଅଲଟ୍ରାଟେକ୍ ସିମେଣ୍ଟ କମ୍ପାନୀ ସହ ଅନୁବନ୍ଧିତ ଥିବା ମୁମ୍ବାଇସ୍ଥିତ ଟର୍କ ଡିଟେକଟିଭ୍ ସଂସ୍ଥା ସୂଚନା ପାଇଥିଲା। ସଂସ୍ଥା ପକ୍ଷରୁ ଏନେଇ ଅଧିକ ତଦନ୍ତ କରାଯିବା ସହ ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରାଯାଇଥିଲା। ପରେ ଏନେଇ ସଂସ୍ଥା ପକ୍ଷରୁ ତମାଣ୍ଡୋ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ତମାଣ୍ଡୋ ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିବା ସହ ଉକ୍ତ ସିମେଣ୍ଟ କମ୍ପାନୀକୁ ସିଲ୍ କରିଥିଲା।




ଓଡ଼ିଶା ବିପିଏଡ୍ ଆଣ୍ଡ ଏମ୍‌ପିଏଡ୍ ଏବଂ କଣ୍ଟିନ୍ୟୁ ଷ୍ଟୁଡେଣ୍ଟ୍ସ ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

## ଜମି ଜାଲିଆତି କରି ୧୫ ଲକ୍ଷ ଠକେଇ

### ୫ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୮(ବ୍ୟୁରୋ):

ଜମି ଜାଲିଆତି କରି ୧୫ ଲକ୍ଷ ଠକିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ବଡଗଡ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ନହରକଣ୍ଟାର ନବକିଶୋର ନାୟକ(୫୫)। ସେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଥାଇ ଫେରାର ଥିବାବେଳେ ୫ବର୍ଷ ପରେ ପୋଲିସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ୨୦୧୧ରେ ଚନ୍ଦକା ଥାନା ସୁନ୍ଦରପୁର ଅଞ୍ଚଳରେ କିଛି ଜମିର ଜାଲ୍ କାଗଜପତ୍ର ଦେଇ ପାଣ୍ଡବ ନଗରର ଗୋଲାପ ସାମଲ ଓ ତାଙ୍କର ଅନ୍ୟ ୬ ଜଣ ସମ୍ପର୍କୀୟଙ୍କଠାରୁ ନବକିଶୋର ୧୫ ଲକ୍ଷ ନେଇଥିଲେ। ସେମାନେ ସତ୍ୟାସତ୍ୟ ଜାଣିବା ପରେ ନବକିଶୋରଙ୍କୁ ଟଙ୍କା ଫେରାଇ ଦେବାକୁ କହିଥିଲେ। ହେଲେ ନବ ଟଙ୍କା ଫେରାଇବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗୋଲାପ ଓ ତାଙ୍କ ସମ୍ପର୍କୀୟମାନେ ୨୦୧୬ ଡିସେମ୍ବରରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୩୫୬/୧୬ ରୁଜୁ କରି ଥିଲା।

# ଷ୍ଟ୍ରିଟ୍ କ୍ରାଇମ୍ ରୋକିବ 'ହ୍ୱାଇଟ୍ ସ୍ୱାଇଡର୍'

- ହୋଟେଲ, ଲଜ୍ ପାଇଁ ସରାଇ ଆପ୍
- ପ୍ରତିଦିନ ଆସୁଥିବା ଲୋକଙ୍କ ତଥ୍ୟ ଦେବେ
- ଜୋର୍‌ଦାର ହେବ ବସ୍ତିକୁ ଚାଲ ଅଭିଯାନ

ଭୁବନେଶ୍ୱର,୧୬।୮(ବ୍ୟୁରୋ):

ରାଜ୍ୟରେ ଦିନକୁଦିନ ନିଶା କାରବାର ବଢ଼ିବା ସହ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହେଉଛି। ଭୁବନେଶ୍ୱରରେ ବିଗତ କିଛି ଦିନ ମଧ୍ୟରେ କମିଶନରେଟ ପୋଲିସ ଧଳାଜହର ଜବତ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରୁଛି। ଏହା ସତ୍ତ୍ୱେ ବି ସହରରେ ବ୍ରାଉନସୁଗାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ। ତେଣୁ ଏପରି ସ୍ଥିତିରେ ଏହା ଉପରେ ରୋକ୍ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ 'ହ୍ୱାଇଟ୍ ସ୍ୱାଇଡର୍' ଅଭିଯାନ ଆରମ୍ଭ କରାଯାଇଛି। ଏନେଇ ସୋମବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହୋଟେଲ ଓ ଲଜରେ ରହିବାକୁ ଆସୁଥିବା ଲୋକଙ୍କ ସମ୍ବନ୍ଧରେ କୌଣସି ତଥ୍ୟ ପୋଲିସ ନିକଟରେ ରହୁନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଲୋକ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏହାଦ୍ୱାରା ସହରରେ ଅପରାଧ (ଷ୍ଟ୍ରିଟ୍ କ୍ରାଇମ୍) ବୃଦ୍ଧି ପାଉଛି। ତେଣୁ ହୋଟେଲ ଓ ଲଜ୍ କର୍ତ୍ତୃପକ୍ଷଙ୍କୁ କମିଶନରେଟ ପୋଲିସ ପକ୍ଷରୁ ଲଞ୍ଚ୍ ହୋଇଥିବା ନୂଆ ଆପ୍ 'ସରାଇ' ଜରିଆରେ ପ୍ରତିଦିନର ବିବରଣୀ ଦେବାକୁ କୁହାଯାଇଛି। ସେପଟେ ସହରର ବିଭିନ୍ନ ବସ୍ତିରେ ପିଲାମାନେ ବ୍ରାଉନସୁଗାର ସେବନ କରୁଛନ୍ତି। ଏହା ଦ୍ୱାରା ବସ୍ତିରେ ଅପରାଧ ବଢ଼ିବା ସହ ଗୋଷ୍ଠୀ ସଂଘର୍ଷ ପୂର୍ବାପେକ୍ଷା ବୃଦ୍ଧି ପାଉଛି। ତେଣୁ କମିଶନରେଟ ପୋଲିସ ପକ୍ଷରୁ ଡିସିପିଙ୍କ ତତ୍ତ୍ୱାବଧାନରେ ବସ୍ତିକୁ ଚାଲ ଅଭିଯାନ ଯୋରଦାର କରାଯିବ। ବିଭିନ୍ନ ଅଧିକାରୀମାନେ ବସ୍ତିକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ କେଉଁ କାରଣ ପାଇଁ ହିଂସା ବଢ଼ୁଛି ତାହାର ସମୀକ୍ଷା କରିବେ। ସେହି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

## ସହରରେ ବୁଲିବ ଡେଙ୍ଗୁ ସଚେତନତା ରଥ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ କାୟା ବିସ୍ତାରକୁ ରୋକିବା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ବିଏମ୍‌ସି ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଧାରାରେ ବିଏମ୍‌ସିକୁ ସହଯୋଗର ହାତ ବଢ଼ାଇଛି ସ୍ୱେଚ୍ଛାସେବୀ ସଂଗଠନ ଭୁବନେଶ୍ୱର ରାଉଣ୍ଡ ଟେବଲ ୫୩। ସ୍ୱାଧୀନତା ଦିବସ ଅବସରରେ ରବିବାର ବିଆର୍‌ଟି ୫୩ ଏବଂ ବିଏମ୍‌ସିର ମିଳିତ ଆନୁକୂଲ୍ୟରେ ଡେଙ୍ଗୁ ସଚେତନତା ରଥ ଶୁଭାରମ୍ଭ ହୋଇଛି। ମାଷ୍ଟର କ୍ୟାଣ୍ଟିନ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରକୁ ଡେଙ୍ଗୁ ମୁକ୍ତ ଅଭିଯାନରେ ସହରର ସମସ୍ତ ନାଗରିକ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ବିଏମ୍‌ସି ସହାୟକ କମିଶନର ଲିଲନ ପ୍ରସାଦ ସାହୁ ପତାକା ଦେଖାଇ ଡେଙ୍ଗୁ ସଚେତନତା ଗାଡ଼ିର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ମାନିକ ହଂସ କହିଲେ, ସହରର ବସ୍ତି ଅଞ୍ଚଳ, ଆପାର୍ଟମେଣ୍ଟ ଓ ସରକାରୀ କ୍ୱାର୍ଟର୍ସ ଅଞ୍ଚଳରେ ଲୋକଙ୍କୁ ଡେଙ୍ଗୁ ଠାରୁ ରକ୍ଷା ପାଇବା ଉପାୟ ସମ୍ବନ୍ଧରେ ସଚେତନ କରାଯିବ। ବିଏମ୍‌ସିର ସ୍ୱତନ୍ତ୍ର ଦଳ ସହ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ମହାନଗରର ୬୭ଟି ୱାର୍ଡରେ ଘର ଘର ବୁଲି ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରିବେ।

## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱରଞ୍ଜନ



@ ମିଟୁ



@ ସିଲୁ



@ ରସାନନ୍ଦ



@ ସସ୍ମିତା




@ ସୌଜନ୍ୟ

# ରାଇସ୍‌ମିଲ୍ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭାଇ ଆଣିଲେ ହତ୍ୟା ଅଭିଯୋଗ**

କଣ୍ଟାପଡା,୧୬।୮(ଡି.ଏନ୍.ଏ.)

କଟକ ଜିଲା ଓଲଟପୁର ଥାନା ଅଲାରପୁରସ୍ଥିତ ଏକ ରାଇସ ମିଲ୍ ପରିସରରେ ଥିବା ମେସ୍‌ର ବନ୍ଦ କୋଠରୀରେ ଜଣେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଅଞ୍ଚଳର ରଞ୍ଜନ ପ୍ରଧାନ (୨୮)। ସୋମବାର ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଦଘର କବାଟକୁ କଟର ସହାୟତାରେ କାଟିବା ପରେ ରଞ୍ଜନଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା। ଏପରି କି ସମ୍ପୃକ୍ତ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ଥିବା ଦେଖିବାକୁ ମିଳିଥିଲା। ରଞ୍ଜନଙ୍କୁ ରାଇସ ମିଲ୍ ମ୍ୟାନେଜର ହତ୍ୟାକରି ଝୁଲେଇ ଦେଇଥିବା ତାଙ୍କ ଭାଇ ଜିତେନ୍ଦ୍ର ପ୍ରଧାନ ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୮୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ବିଜୟା ସାହୁ କହିଛନ୍ତି। ଅନ୍ୟପକ୍ଷରେ ମ୍ୟାନେଜର ମନୋଜ କୁମାର ଦାସ କହିଛନ୍ତି, ସେ ଆମର ଜଣେ ଭଲ କର୍ମଚାରୀ ଥିଲେ। ତାଙ୍କ ଭାଇ ଯେଉଁ ହତ୍ୟା ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଘଟଣାର ତଦନ୍ତ ଚାଲିଛି। ଆମେ ପୋଲିସକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛୁ। ସୂଚନାଯୋଗ୍ୟ, ୮ବର୍ଷ ହେବ ଏହି ମିଲ୍‌ରେ ରଞ୍ଜନ କାମ କରୁଥିଲେ। ସୋମବାର ସକାଳେ ଉକ୍ତ କୋଠରୀର କବାଟ ନ ଖୋଲିବାରୁ ଜଣେ କର୍ମଚାରୀ ଏ ସମ୍ପର୍କରେ ମ୍ୟାନେଜରଙ୍କୁ ଜଣାଇଥିଲେ। ପରେ ମ୍ୟାନେଜର ଓଲଟପୁର ଥାନାକୁ ଜଣାଇଥିଲେ।

# ଗ୍ରାମରକ୍ଷୀ ମୃତ, କନଷ୍ଟେବଳ ଆହତ

**ଜାତୀୟ ପତାକା ଉତ୍ତୋଳନ ବେଳେ ଦୁର୍ଘଟଣା**

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୬।୮(ଡି.ଏନ୍.ଏ.):

ସ୍ୱାଧୀନତା ଦିବସରେ ରବିବାର ପତାକା ଉତ୍ତୋଳନ ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ଘଟିବା ସହ କନଷ୍ଟେବଳ ବୀରକିଶୋର ଭୋଳ ଆହତ ହୋଇଛନ୍ତି। ମୃତକ ହେଲେ ନିଧିପୁର ଗ୍ରାମର ଧନେଶ୍ୱର ଦାସ। ଫାଣ୍ଡିରେ ପତାକା ଉତ୍ତୋଳନ ପାଇଁ ଖମ୍ବ ପୋତୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଭୟ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ।

## 'ସାହିତ୍ୟରେ ସ୍ୱାଧୀନତା' ଆଲୋଚନାଚକ୍ର

ପୁରୁଣା ଭୁବନେଶ୍ୱର,୧୬।୮(ଡି.ଏନ୍.ଏ.):

ବିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ 'ସାହିତ୍ୟରେ ସ୍ୱାଧୀନତା' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ୱେବନାରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସ୍ୱାଧୀନତା ଆନ୍ଦୋଳନରେ ସାହିତ୍ୟିକଙ୍କ ଅବଦାନ ଅବିସ୍ମରଣୀୟ। ସାହିତ୍ୟରେ ସର୍ବଦା ସ୍ୱାଧୀନତା ରହିଛି, ପ୍ରତ୍ୟେକ ସାହିତ୍ୟିକ ଜଣେ ଜଣେ ସ୍ୱାଧୀନଚେତା ମଣିଷ ବୋଲି ସେ କହିଥିଲେ। ସୁସାହିତ୍ୟିକ ପବିତ୍ର ମୋହନ ଦାଶ ଯୋଗଦେଇ ଦେଶରେ ସ୍ୱାଧୀନାକାଂକ୍ଷୀ ସାହିତ୍ୟିକଙ୍କ ସଂଖ୍ୟା ନଗଣ୍ୟ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚିକା ଭାବେ ଡ.ମଞ୍ଜୁ ପଣ୍ଡା, ଦୈନିକ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକିଲର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ,କବି ସଂଜିତ୍ ବଳ, ଅନୁଷ୍ଠାନ ସଭାପତି ବାଉରିବନ୍ଧୁ ଲେଙ୍କା, କାର୍ଯ୍ୟକାରୀ ସଭାପତି ଡ.ଶଶିଭୂଷଣ ମହାପାତ୍ର ଯୋଗଦେଇ ମତପ୍ରକାଶ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ କରାଯାଇଥିଲା। ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଦିଲ୍ଲୀ ଅଭିମୁଖେ ସିଲ୍‌ଭର ଗାନ୍ଧୀଙ୍କ ପଦଯାତ୍ରା

**ଅକ୍ଟୋବର ୨ରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ**

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୧ ମାର୍ଚ୍ଚ ୨୩ରେ ରେଳ ଯୋଗେ କଟକ ଆସିଥିଲେ। ଗାନ୍ଧିଜୀଙ୍କ କଟକ ଆଗମନର ୧୦୦ ବର୍ଷ ପୂର୍ତ୍ତି ଏବଂ ୭୫ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ସିଲ୍‌ଭର ଗାନ୍ଧୀ ଭାବେ ପରିଚିତ ମୋହନ ମହାପାତ୍ର ଦିଲ୍ଲୀ ଅଭିମୁଖେ ତାଙ୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ରବିବାର ସେ ଭୁବନେଶ୍ୱରରେ ପଦଯାତ୍ରା ସାରି ଟ୍ରେନ୍ ଯୋଗେ ଲକ୍ଷ୍ନୌ ଗସ୍ତ କରିଛନ୍ତି। ସେଠାରୁ ବନାରସ ଯାଇ ମଙ୍ଗଳବାରଠାରୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରିବେ। ସେ ଦୀର୍ଘ ୮୦୦ କିଲୋମିଟର ପଦଯାତ୍ରା କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିବେ ବୋଲି ମୋହନ ଆଶା ରଖିଛନ୍ତି। ସେ ଅକ୍ଟୋବର ୨ରେ ଦିଲ୍ଲୀରେ ପହଞ୍ଚି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବେ। ମୋହନ କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦିନକୁ ଗୋଟିଏ ଘଣ୍ଟା ଦେଶ ପାଇଁ ଚିନ୍ତା କରିବା ସହ ଗୋଟିଏ ଘଣ୍ଟା ନିଜ ପାଇଁ ସମୟ ଦେବା ଦରକାର। ଏହା ବ୍ୟତୀତ ହିଂସା ଛାଡ଼ି ଗାନ୍ଧିଜୀଙ୍କ ଅହିଂସା ପଥକୁ ଆପଣାଇଲେ ଓଡ଼ିଶା ଭାରତର ଗୁରୁ ହୋଇପାରିବ।

# ଶହୀଦନଗର ଏମ୍‌ଏଲ୍‌ସିପିରେ ଉଚ୍ଛେଦ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ), ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ମିଳିତ ଭାବେ ସୋମବାର ଶହୀଦ ନଗରସ୍ଥିତ ମଲ୍ଟିଲେଭଲ୍ କାର୍ ପାର୍କିଂ (ଏମ୍‌ଏଲ୍‌ସିପି) ଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହାଦ୍ୱାରା ଏମ୍‌ଏଲ୍‌ସିପି ମଧ୍ୟକୁ ସହଜରେ କାର୍ ପ୍ରବେଶ ଓ ପ୍ରସ୍ଥାନ କରି ପାରିବ। ଏଥିସହ ଏଠାରେ ଡ୍ରେନେଜ୍ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ବୃକ୍ଷ ରୋପଣ ସହ ପାରିପାର୍ଶ୍ୱିକ




ମଲ୍ଟିଲେଭଲ୍ କାର୍ ପାର୍କିଂ (ଏମ୍‌ଏଲ୍‌ସିପି) ଠାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ସୌନ୍ଦର୍ଯ୍ୟକରଣ କରିବା ପାଇଁ ସହାୟକ ହୋଇ ପାରିବ। ୨୮ଟି ବେଆଇନ ଭୋଜନାଳୟ, ସୀମା କାନ୍ଥ, ଟିଣ ସେଡ୍, ରେମ୍ପ ଆଦି ଭାଙ୍ଗି ଦିଆଯାଇଛି। ଏହି ବିଲ୍ଡିଂରେ କାର୍ ପାର୍କିଂ ବିଲ୍ଡିଂରେ ନିମ୍ନ ଓ ଉପର ବେସ୍‌ମେଣ୍ଟ ଏବଂ ଗ୍ରାଉଣ୍ଡ ଓ ଦୁଇ ମହଲା ଉପରେ ରହିବ। ଏଠାରେ ଏକସଙ୍ଗେ ସର୍ବନିମ୍ନ ୨୫୦ କାର୍ ସ୍ଥାନିତ ହୋଇ ପାରିବ। ସେହିପରି ଏଠାରେ ସମସ୍ତ ସ୍ମାର୍ଟ ବ୍ୟବସ୍ଥା ଯଥା ସେନ୍ସର ଆଧାରିତ ପାର୍କିଂ, ୱାଇଫାଇ ଏବଂ ବିଲ୍ଡିଂ ମ୍ୟାନେଜ୍‌ମେଣ୍ଟ ବ୍ୟବସ୍ଥା ରହିବ। ସ୍ମାର୍ଟ ସିଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଅଫ୍ ରୋଡ୍ ପାର୍କିଂ ଭିତ୍ତିଭୂମିର ବିକାଶ ଏବଂ ପାର୍କିଂର ଦକ୍ଷ ପରିଚାଳନା ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇଥିବାରୁ ଏମ୍‌ଏଲ୍‌ସିପି ସହରକୁ ଏକ ବଡ଼ ଉପାୟରେ ସାହାଯ୍ୟ କରିବ। ଏହାଦ୍ୱାରା ନାଗରିକମାନେ ଉପକୃତ ହୋଇ ପାରିବେ ବୋଲି ବିଏସସିଏଲ ସିଇଓ ସଞ୍ଜୟ କୁମାର ସିଂ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ଅଗଷ୍ଟ, ୨୦୨୧



## ୨ୟ ଶ୍ରେଣୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମରେ ଅଜୟ କୁମାର ରାଉଳଙ୍କ ପୁଅ ଚିରଞ୍ଜୀବ(୭)ଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ୟ ଶ୍ରେଣୀର ଛାତ୍ର ଥିଲେ। କିଛିଦିନ ପୂର୍ବେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦେହ ସୁସ୍ଥ ହେବାରୁ ଚିରଞ୍ଜୀବଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ରବିବାର ସକାଳେ ସେ ପୁନର୍ବାର ଅସୁସ୍ଥ ହୋଇଯିବା ସହ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁରେ ପରିବାର ସମେତ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।



୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରବିବାର ରାଜ୍ୟ ପୋଲିସ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସାହସିକତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀ ଏବଂ ଶହୀଦ ପରିବାରକୁ ପଦକ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଦେଶୀମଦ ଜବତ, ୩୭୫୦ ଲିଟର ପୋଚ ନଷ୍ଟ

**ଆଠଗଡ଼,୧୬।୮(ସ୍ୱ.ପ୍ର.):** କଟକ ଭ୍ରାମ୍ୟମାଣ ଅବକାରୀ ଦଳ-୨ ତରଫରୁ ତିଗିରିଆ ଥାନା ଅନ୍ତର୍ଗତ ହରିଡାପଶି ଗ୍ରାମ ନିକଟସ୍ଥ ଜରିତଇଲାବନ୍ଧ ଜଙ୍ଗଲରେ ଚଢାଉ କରାଯାଇଛି। ଏହି ଅବସରରେ ୧୬୦ଲିଟର ଦେଶୀମଦ ଜବତ କରାଯିବା ସହ ୩୭୫୦ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ୩ ମଦ ଭାଟିକୁ ଭାଙ୍ଗି ଦିଆଯାଇଛି।

### ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଛଡ଼ାଯାଉ

**କଟକ ଅଫିସ,୧୬।୮:** ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ସୋମବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଆର୍‌ଡିସିଙ୍କ ଉଦ୍ଦେଶ୍ୟରେ ସେକ୍ରେଟେରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ଖରସ୍ରୋତାରୁ ଭଦ୍ରକକୁ ପାଣି ଦିଆଯିବା ପାଇଁ ହୋଇଥିବା ନିଷ୍ପତ୍ତିକୁ ବିରୋଧ କରି କେନ୍ଦ୍ରାପଡା ଜିଲାର ଆଳି ଓ ରାଜକନିକାବାସୀ ବିରୋଧ କରି ଆସୁଥିଲେ। ଏହାକୁ ନେଇ ଗତ ୧୨ ତାରିଖରେ ରାଜକନିକା ବ୍ଲକ ମେଗା ପାନୀୟଜଳ ପ୍ରକଳ୍ପ ସ୍ଥଳ ବରୁଣିଡିହା ରଣକ୍ଷେତ୍ର ପାଲଟିଥିଲା। ପୋଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଏହାପରେ ସେଠାରେ ୧୪୪ ଧାରା ଜାରି କରାଯିବା ସହ ପୋଲିସ କେତେଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ତୁରନ୍ତ ଗିରଫ କରାଯାଇଥିବା ବ୍ୟକ୍ତିଙ୍କୁ ବିନା ସର୍ତ୍ତରେ ଛାଡିବା, ସମ୍ପୃକ୍ତ ଅଞ୍ଚଳରୁ ୧୪୪ ଧାରା ପ୍ରତ୍ୟାହାର କରିବା, ରାଜକନିକା ଅଞ୍ଚଳରେ ପୋଲିସ ଆତଙ୍କରାଜ ବନ୍ଦ କରିବା ପାଇଁ ଦାବି କରାଯାଇଛି। ସଙ୍ଗଠନର ଜିଲା ସମ୍ପାଦକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସୌଭାଗ୍ୟ ସାମଲ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ସସ୍ମିତା ମହାନ୍ତି, ଶୋଭା ଦେହୁରୀ ଓ ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ



କଟକ ନଗର(ଜିଲା) ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**କଟକ ଅଫିସ,୧୬।୮**

ସହରର ସମ୍ବେଦନଶୀଳ ଜନବସତି ଅଞ୍ଚଳରୁ ନୂତନ ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ କଟକ ନଗର (ଜିଲା) ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବକ୍ସିବଜାର ଅମରେଶ୍ୱର ମନ୍ଦିର ନିକଟ, ପୁରୀଘାଟ ଉପର ତେଲେଙ୍ଗାବଜାର ବାଉରୀସାହି, କାଜିବଜାର ରୋଭର୍ସ ଷ୍ଟ୍ରିଟ, ଖୋଲାସାହି, ରାଜାବଗିଚା ଲେବର କଲୋନୀ, ସତୀଚୌରା ଇଦ୍‌ଗା, ନୂଆପଡା ଘାଟକୂଳ ସାହି ସନ୍ତୋଷୀ ନଗର ଓ ମଙ୍ଗଳାବାଗ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲାଯିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଉକ୍ତ ସ୍ଥାନ ନିକଟରେ ଶିକ୍ଷାନୁଷ୍ଠାନ, ନର୍ସିଂହୋମ, ଧର୍ମାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସେଠାରେ ମଦ ଦୋକାନ ଖୋଲିରେ ଉକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ, ପରିବାରରେ ଅଶାନ୍ତି ସୃଷ୍ଟି ହେବ ବୋଲି କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି। ତୁରନ୍ତ ନୂତନ ମଦ ଦୋକାନ ଉଚ୍ଛେଦ ସହ ଆଗାମୀ ଦିନରେ ଆଉ ମଦ ଦୋକାନ ନ ଖୋଲିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭରେ କଟକ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ତୃପ୍ତି ଦାସ, ଚାରୁଲତା ସାହୁ, ନମିତା ମଞ୍ଜରୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ୧୯ ଏସି ଜବତ,୩ ଗିରଫ

**କଟକ ଅଫିସ,୧୬।୮**

ଏସି ଚୋରି ଘଟଣାରେ ଦରଘାବଜାର ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ନେମାଳ ମାଳିଗାଁର ବିକ୍ରମ ପ୍ରଧାନ(୨୦), ବିଦ୍ୟାଧରପୁରର ସତ୍ୟଜିତ୍ ପଣ୍ଡା(୪୦) ଓ ଜଗତସିଂହପୁର ଜିଲା ଜୋଟା ଗ୍ରାମର ସଞ୍ଜୟ କୁମାର ପରିଡା(୩୪)। ସେମାନଙ୍କଠାରୁ ୧୯ଟି ଏସି ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ବିକ୍ରମ ଏସି ଚୋରି କରି ଶସ୍ତାରେ ବିଭିନ୍ନ ଲୋକଙ୍କୁ ବିକ୍ରି କରୁଥିଲେ। ଏହି ଚୋରି ଏସି କିଣି ସଞ୍ଜୟ ଓ ସତ୍ୟଜିତ୍ ଫସିଯାଇଥିଲେ। ପୋଲିସ ସୂଚନା ମୁତାବକ, ତିନିକୋଣିଆ ବଗିଚା ନିକଟ ଏକ ଏସି ଗୋଦାମରୁ ଗତ ୧୦ ତାରିଖରେ ୧୯ଟି ଏସି ଚୋରି ହୋଇଥିଲା। ଏ ନେଇ ଗୋଦାମ ମାଲିକ ବକ୍ସିବଜାର ନିକଟ ବରୋପଥର ଅଞ୍ଚଳର ସନ୍ତୋଷ ସାହୁ ଦରଘାବଜାର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତବେଳେ ତାଙ୍କ ସେଲ୍‌ସ ମ୍ୟାନ୍ ବିକ୍ରମ ଗୋଦାମ ଗୃହର ନକଲି ଚାବି ତିଆରି କରି ୧୯ଟି ଏସି ଚୋରି କରିଥିବା ପ୍ରମାଣ ମିଳିଥିଲା। ସେ ଏସିଗୁଡ଼ିକୁ ନେଇ ସଞ୍ଜୟ ଓ ସତ୍ୟଜିତ୍‌ଙ୍କ ସମେତ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ପୋଲିସ ପଚାରଉଚରା କରିବାବେଳେ ସେମାନେ ଦୋଷ ସ୍ୱୀକାର କରିଥିଲେ। ଜବତ ଏସିର ଆନୁମାନିକ ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଥାନାଧିକାରୀ ପ୍ରଦୀପ କୁମାର ଜେନା କହିଛନ୍ତି।

# ରେଭେନ୍‌ଶା କଲେଜ ସ୍ୱାଧୀନତା ଆନ୍ଦୋଳନ ଅନ୍ତୁଡ଼ିଶାଳ

**କଟକ ଅଫିସ, ୧୬।୮**

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ସ୍ୱାଧୀନତା ଆନ୍ଦୋଳନବେଳେ କଟକ ଐତିହାସିକ ଭୂମିକା ନିର୍ବାହ କରିଥିଲା। ବିଶେଷକରି ରେଭେନ୍‌ଶା କଲେଜ ସ୍ୱାଧୀନତା ଆନ୍ଦୋଳନର ଅନ୍ତୁଡିଶାଳ ଥିଲା ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା ପତାକା ଉତ୍ତୋଳନ କରି ଏହି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସମଗ୍ର ଜିଲାରେ କୋଭିଡ୍ ମହାମାରୀ ସମୟରେ ଉତ୍ସର୍ଗୀକୃତ ସେବାରେ ନିୟୋଜିତ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ, ସଫେଇ କର୍ମଚାରୀ, ପରିମଳ ଓ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ ମା' ଅନ୍ନପୂର୍ଣ୍ଣା ପରିବା ଉତ୍ପାଦକାରୀ ଗୋଷ୍ଠୀକୁ ଉଦ୍ୟୋଗ ମିତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଭର୍ଚୁଆଲରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧକ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତାର ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସିଡି ଡିଆରଡିଏ. ଅମ୍ବର କୁମାର କର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ୍ ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ ଓ ଜ୍ୟୋତିରେଖା ନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ପରିବହନ ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ମହାନଦୀ ପଠା ଅଞ୍ଚଳର ୪୨୧ ଏକର ଜମିରେ ହେବାକୁ ଉନ୍ନୟନ କାର୍ଯ୍ୟ, ନୌବିହାର ଓ ଭିତ୍ତିଭୂମି ବୁଲି ଦେଖିବା ସହ ନୂତନ ଭାବେ ସୌନ୍ଦର୍ଯ୍ୟକରଣ ହୋଇଥିବା ତାଳଦଣ୍ଡା କେନାଲ ପରିଦର୍ଶନ କରିଥିଲେ।



ବାରବାଟୀ ଷ୍ଟାଡ଼ିୟମରେ ଆୟୋଜିତ ପରେଡରେ ମନ୍ତ୍ରୀ ପଦ୍ମନାଭ ବେହେରା ଅଭିବାଦନ ଗ୍ରହଣ କରୁଛନ୍ତି।

# ମୁକୁଳା ପଡ଼ିଛି ସୋଲାର ପାୱାର ପ୍ରକଳ୍ପ

**ଟାଙ୍ଗୀ, (କଟକ)୧୬।୮(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଣିଆ ଗ୍ରାମସ୍ଥିତ ଆର୍‌ଏସ୍‌ବି କାରଖାନାରେ ସରକାରୀ ବିଦ୍ୟୁତ୍ ବ୍ୟବହାର କିଛି ପରିମାଣରେ ହ୍ରାସ କରିବାକୁ ୩.୩ ମେଗା ୱାଟ୍‌ର ସୋଲାର ପାୱାର ପ୍ରକଳ୍ପ ସ୍ଥାପନ କରାଯାଇଛି। ତେବେ ଧାନବିଲ ମଧ୍ୟରେ ଥିବା ଏହି ପ୍ରକଳ୍ପର ଚତୁଃପାର୍ଶ୍ୱ ମୁକୁଳା ରହିଛି। ସନ୍ଧ୍ୟା ହେଲେ ପାଞ୍ଚଭାୟା ପାହାଡରେ ଥିବା ହାତୀପଲ ଓ ବାର୍‌ହା ଧାନ ଖାଇବାକୁ ଉକ୍ତ ପ୍ରକଳ୍ପ ନିକଟ ବିଲକୁ ଆସିଥାନ୍ତି। ମାତ୍ର ସେଠାରେ ପାଚେରୀ କିମ୍ବା ତାରବାଡ ଘୁଡାଯାଇ ନ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ହାନୀ ଘଟିବା ଆଶଙ୍କା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବନପାଳ ମାଣିକ ମୁଣ୍ଡାଙ୍କୁ ଜଣାଇଛନ୍ତି। ଯାହାକୁ ବନପାଳ ମଧ୍ୟ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ମଣିଆ ଗ୍ରାମର ସାମାଜିକ କର୍ମୀ ମନୋଜ ଖିଲାର ହ୍ୱାଟ୍ସଆପ ମାଧ୍ୟମରେ କଟକ ବନଖଣ୍ଡ ବୈରୀ ରେଞ୍ଜର ଅଭିରାମ ଜେନାଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି। ଖିଲାର କହିଛନ୍ତି, ବିଲରେ ଧାନ ଖାଇବା ସମୟରେ ଯଦି କେହି ହାତୀପଲକୁ ଘଉଡାନ୍ତି, ତା'ହେଲେ ସେମାନେ ସୋଲାର ପ୍ରକଳ୍ପରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିବା ସମ୍ଭାବନା ଅଧିକ ରହିଛି। ଏ ସମ୍ପର୍କରେ ରେଞ୍ଜର ଜେନା କହିଛନ୍ତି, ଅଭିଯୋଗ ଆସିଛି। ତଦନ୍ତ ପରେ ଉଚିତ୍ ପଦକ୍ଷେପ ନେବି। ଅନ୍ୟପକ୍ଷରେ କାରଖାନାର ଏଚ୍‌ଆର୍ ବାମଦେବ ମିଶ୍ର କହିଛନ୍ତି, ସୋଲାର ପ୍ରକଳ୍ପ ଚଲାଇବା ଦାୟିତ୍ୱ ବାଙ୍ଗାଲୋରର ଇପିସି ସର୍ଭିସେସ୍ ଲିଃ ନାମକ ଏକ ଏଜେନ୍ସିକୁ ଦିଆଯାଇଛି। ଲୋକ ରଖି ଜଗାରଖା କରିବା ଉକ୍ତ ଏଜେନ୍ସିର ଦାୟିତ୍ୱ। ଏ ନେଇ ଏଜେନ୍ସି ସହିତ କାରଖାନାର କିଛି ସମ୍ପର୍କ ନାହିଁ। ଅପରପକ୍ଷେ ଉକ୍ତ ଏଜେନ୍ସିର କୌଣସି ମତାମତ ମିଳିପାରିନାହିଁ।



## ହାତୀ ମୃତ୍ୟୁ ଆଶଙ୍କା

# ଗାଡ଼ି ସାଇଡ଼୍‌ମରାକୁ ନେଇ ଡାକ୍ତରଙ୍କୁ ଆକ୍ରମଣ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

ଗାଡ଼ି ସାଇଡ୍‌ମରାକୁ କେନ୍ଦ୍ର କରି ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଡାକ୍ତରଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଡାକ୍ତର ହେଲେ କୋରାପୁଟ ଜିଲା ସୁନାବେଡ଼ା ସରକାରୀ ଡାକ୍ତରଖାନାର ଆଶୁତୋଷ ପ୍ରଧାନ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଶୁତୋଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଜାଗମରାର ସୋନୁ ପଟ୍ଟନାୟକଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ଆଶୁତୋଷ ବାଇକରେ ଭୁବନେଶ୍ୱରରୁ ଆସୁଥିଲେ। ଜାଗମରା ହମ୍ପ ନିକଟରେ ସୋନୁଙ୍କ କାର ସହିତ ତାଙ୍କ ବାଇକ୍ ସାମାନ୍ୟ ଘଷି ହୋଇଯାଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୋନୁ କାର୍‌ରେ ରଖିଥିବା ଭୁଜାଲି ଆଣି ଆଶୁତୋଷଙ୍କ ହାତକୁ ଆକ୍ରମଣ କରିଥିଲେ।

# ନବମ, ଦଶମ ଶ୍ରେଣୀରେ ସେମିଷ୍ଟର ବ୍ୟବସ୍ଥାକୁ ବିରୋଧ

**କଟକ ଅଫିସ ,୧୬।୮**

## ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଚଳିତବର୍ଷ ନବମ ଓ ଦଶମ ଶ୍ରେଣୀରେ ସେମିଷ୍ଟର ବ୍ୟବସ୍ଥା ପ୍ରଚଳନ କରାଯାଇ ଛାତ୍ରୀଛାତ୍ରଙ୍କର ମୂଲ୍ୟାୟନ ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଶ୍ରେଣୀରେ ବର୍ଷକୁ ୪ଟି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ଦୁଇଟି ଟର୍ମ ପରୀକ୍ଷା କରାଯିବ। ଏହାକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେ ଣ୍ଟ ଅର୍ଗାନାଇଜେସନ(ଏଆଇଡିଏସ୍‌ଓ) କଟକ ଜିଲା କମିଟି ପକ୍ଷରୁ ବିରୋଧ କରାଯାଇ ସୋମବାର ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବୋର୍ଡ ସଭାପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଏହି ମୂଲ୍ୟାୟନ ପଦ୍ଧତି ଲାଗୁ କରାଯାଇ ଛାତ୍ରୀଛାତ୍ରଙ୍କ ଠାରୁ ବାରମ୍ବାର ପରୀକ୍ଷା ଫି' ଆଦାୟ କରାଯିବ। ତୁରନ୍ତ ଏହି ମୂଲ୍ୟାୟନ ପଦ୍ଧତି ପ୍ରତ୍ୟାହାର କରାଯାଉ। ଏଥିସହ ଶିକ୍ଷାବିତ୍ ଓ ଶିକ୍ଷାସହ ଜଡିତ ବିଭିନ୍ନ ସଂସ୍ଥା, ଶିକ୍ଷାପ୍ରେମୀ ଓ ଜନସାଧାରଣଙ୍କ ମତାମତ ନେଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ପତ୍ତି ନିଆଯାଉ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ଜିଲା ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଈଷା ଧର, ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଛାତ୍ରନେତା ସରୋଜ ମାନସିଂ, ଆରତୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚାନ୍ତୁ ସରକାରୀ ଯୋଜନା

**କଟକ ଅଫିସ, ୧୬।୮**

କଟକ ବକ୍ସିବଜାରସ୍ଥିତ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟରେ ୭୫ତମ ସ୍ୱାଧୀନତା ଦିବସ ରବିବାର ପାଳିତ ହୋଇଯାଇଛି। ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକା ହରପ୍ରିୟା ଦାଶ ଜାତୀୟ ପତାକା ଉତ୍ତୋଳନ କରି ଶିଳ୍ପ ବିଭାଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଯୋଜନାକୁ ଉଦ୍ୟୋଗୀମାନଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଏଥିସହ କର୍ମଚାରୀମାନେ ନିଷ୍ଠାପର ଭାବେ ୫-ଟି ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବୀରକିଶୋର ଦାସ, ଅମ୍ବୁଜ ଦାସ, ମନୋରଞ୍ଜନ ସାହୁ, କୈଳାସ ପୃଷ୍ଟି, ସୂର୍ଯ୍ୟପ୍ରସାଦ ମହାନ୍ତି, ପ୍ରଫୁଲ୍ଲ ନାୟକ, ପ୍ରଦୀପ ସେଠୀ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ହାଇକୋର୍ଟ:** ହାଇକୋର୍ଟ ପରିସରରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ପତାକା ଉତ୍ତୋଳନ କରିଥିଲେ। ଏଥିରେ ଜଷ୍ଟିସ ସି.ଆର୍. ଦାସ, ବିଶ୍ୱଜିତ୍ ମହାନ୍ତି, ଡ. ବି.ଆର୍. ଷଡଙ୍ଗୀ, ଡି. ଦାସ, ଏସ୍. ପୂଜାହାରୀ, ଏସ୍.କେ. ସାହୁ, କେ. ଆର୍ ମହାପାତ୍ର, ଜଷ୍ଟିସ ବି.ପି. ରାଉତରାୟ, ଆଡଭୋକେଟ ଜଗବନ୍ଧୁ ସାହୁ, ଦେବୀ ପ୍ରସାଦ ଦାଶ, ହାଇକୋର୍ଟ ବାର୍ ଆସୋସିଏଶନ ସେକ୍ରେଟାରୀ ଜିତେନ୍ଦ୍ର କୁମାର ଲେଙ୍କା, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାରହି ପ୍ରମୁଖ ଉପସ୍ଥିତ ଥିଲେ।

**ଭିଜିଲାନ୍ସ ନିର୍ଦ୍ଦେଶାଳୟ:** ଭିଜିଲାନ୍ସ ନିର୍ଦ୍ଦେଶାଳୟ ପରିସରରେ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଏଥିରେ ସେଲ ଏସପି ଏମ୍. ରାଧାକ୍ରୀଷ୍ଣ, କଟକ ଡିଭିଜନର ଅତିରିକ୍ତ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍‌ସିବି ମେଡିକାଲରେ ତ୍ରିରଙ୍ଗା ଶୋଭାଯାତ୍ରା:** ସ୍ୱାଧୀନତା ଦିବସ ଅବସରରେ ଏସ୍‌ସିବି ମେଡିକାଲ କଲେଜ ଡାକ୍ତର ଓ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା ଉଦ୍‌ଘାଟନ କରିଥିଲେ। ଏଥିରେ ଡା. ଜ୍ୟୋତିର୍ମୟ ନାୟକ, ହରମୋହନ ବାରିକ, ଔଜ୍ଜଲ୍ୟ କୁମାର ଜେନା, ଦୀପକ ସାମଲ, ସାର୍ଥକ ମହାନ୍ତି, ସୁବ୍ରତ ପଣ୍ଡା, ଡା. ବିଶ୍ୱଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ:** ବକ୍ସିବଜାରସ୍ଥିତ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କଟକରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସଭାପତି ବିଜୟ କୁମାର ପଡିହାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ମନୋଜ ପାଲ, ହିମାଂଶୁ ମହାପାତ୍ର ଉପସ୍ଥିତ ଥିଲେ।

**ସିଡିଏ ସେକ୍ଟର-୬ ସମ୍ବାଦପତ୍ର ବିତରକ ସଂଘ:** ସିଡିଏ ସେକ୍ଟର-୬ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସବ୍ୟସାଚୀ କର, ସମ୍ପାଦକ ଡି. ସନ୍ତୋଷ କୁମାର, କୋଷାଧ୍ୟକ୍ଷ ସନାତନ ସାହୁ, ସଭ୍ୟ ରଞ୍ଜନ କୁମାର ମଲ୍ଲିକ, ଶିବ ମହାପାତ୍ର, ଅଭିନାଶ ମିଶ୍ର, ପଦ୍ମଲାଭ ପୃଷ୍ଟି, ବିଶ୍ୱନାଥ ସାହୁ, ବିଜୟ କୁମାର ପୃଷ୍ଟି, କେ. ବେଣୁରାଓ, ଭାବଗ୍ରାହୀ ନାୟକ ଉପସ୍ଥିତ ଥିଲେ।

**ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ପରିସରରେ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁଖପତ୍ର 'ଡ୍ରିମ୍‌ସ ଡାଇଜେଷ୍ଟ' ଓ ସ୍ମରଣିକା 'ୟଷ୍ଟିକା' ଉନ୍ମୋଚିତ ହୋଇଥିଲା। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ରାଜେନ୍ଦ୍ର ଦାସ, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ଲୀନା ପଟ୍ଟନାୟକ, ଡ. କ୍ରିଷ୍ଣାପ୍ରଦା ଦାଶ, ଇଂ. ତପସ୍ୱିନୀ ସାହୁ, ଆଶିଷ ସ୍ୱାଇଁ, ଦିଲ୍ଲୀପ ମଲ୍ଲିକ, ପ୍ରଶାନ୍ତ ନାୟକ, ବିଶ୍ୱଜତ୍ କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ।




କଟକ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ସଭ୍ୟଙ୍କ ସହ ଅନ୍ୟମାନେ।

## ଗୋଷ୍ଠୀ ନିଦାନ କେନ୍ଦ୍ର ଉଦ୍‌ଘାଟିତ

ଜଟଣୀ,(ଡି.ଏନ୍.ଏ.): ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ଏକ ଗୋଷ୍ଠୀ ନିଦାନ କେନ୍ଦ୍ରର ବହିର୍ବିଭାଗ ଉଦ୍‌ଘାଟିତ ହୋଇଯାଇଛି। ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଜିତେନ୍ଦ୍ର ପଣ୍ଡା ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ପାରାମେଡିକ୍ସ ଆଣ୍ଡ ଆଲଏଡ୍ ହେଲ୍‌ଥ ସାଇନ୍ସ ଦ୍ୱାରା ସ୍ଥାନୀୟ ଜନସାଧାରଣ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ଡାକ୍ତରୀ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଏହି କେନ୍ଦ୍ରର ଶୁଭାରମ୍ଭ ହୋଇଥିବା କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି। ବିଭିନ୍ନ ସେବା ଶିବିର କରାଯିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ପ୍ରଫେସର ସୁନୀଲ ଝା କହିଛନ୍ତି।

# ନକଲି ସିମେଣ୍ଟ କାରଖାନା ଠାବ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସିମେଣ୍ଟ ଜବତ: ମାଲିକ ଗିରଫ
- ଦାମୀ କମ୍ପାନୀ ଲୋଗୋ ଲଗାଇ ନକଲି ସିମେଣ୍ଟ ବିକୁଥିଲେ

ରାଜଧାନୀ ଉପକଣ୍ଠ ପାତ୍ରପଡ଼ାରେ ପୋଲିସ ଆଖିରେ ଧୂଳି ଦେଇ ଦୀର୍ଘ ବର୍ଷ ଧରି ଚାଲୁଥିଲା ନକଲି ସିମେଣ୍ଟ କାରଖାନା। ଏହି କାରଖାନାରେ ନକଲି ସିମେଣ୍ଟ ପ୍ରସ୍ତୁତ କରାଯାଇ ବିଭିନ୍ନ ଦାମୀ କମ୍ପାନୀର ଲୋଗୋ ଲଗାଇ ପ୍ୟାକିଂ କରାଯାଉଥିଲା। ପରେ ଏହାକୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ଘଟଣା ସମ୍ପର୍କରେ ଏକ ଘରୋଇ ଡିଟେକ୍ଟିଭ୍ ସଂସ୍ଥା ଠାରୁ ସୂଚନା ପାଇ କମିଶନରେଟ୍ ପୋଲିସର ତମାଣ୍ଡୋ ଥାନା ପୋଲିସ ସୋମବାର ଏହି କାରଖାନାରେ ଚଢ଼ାଉ କରିଥିଲା। ଏହି ସମୟରେ କାରଖାନାରୁ ବିପୁଳ ପରିମାଣର ସିମେଣ୍ଟ ଜବତ କରାଯିବା ସହ ବିଭିନ୍ନ ଦାମୀ କମ୍ପାନୀର ଅବିକଳ ବସ୍ତା



ଜବତ ହୋଇଥିବା ବସ୍ତା।

ଜବତ କରାଯାଇଥିଲା। ଜବତ ସିମେଣ୍ଟର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏନେଇ ପୋଲିସ ଉକ୍ତ କାରଖାନାର ମାଲିକ ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜରେ ରହୁଥିବା ବିଜୟ କୁମାର ଶିବାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ଜବତ ସିମେଣ୍ଟର ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଲ୍ୟାବ୍‌କୁ ପଠାଯାଇଥିବା ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକ କହିଛନ୍ତି। ବିଜୟ କୁମାରଙ୍କ ନାମରେ ଜଗଦମ୍ବା ସିମେଣ୍ଟ ପ୍ରସ୍ତୁତି ନେଇ ଟ୍ରେଡ୍ ଲାଇସେନ୍ସ ରହିଥିବାବେଳେ ସେ ବେଆଇନ ଭାବେ ଅନ୍ୟ କମ୍ପାନୀ ଲୋଗା ଲଗାଇ ବ୍ୟବସାୟ କରୁଥିଲେ।

ସୂଚନା ଅନୁଯାୟୀ, ତମାଣ୍ଡୋ ଥାନା ପାତ୍ରପଡ଼ା ଭଗବାନପୁରରେ ପ୍ରାୟ ୨୦୦୧ରୁ ବିଜୟ ଏହି କାରଖାନା ଚଳାଇ ଆସୁଥିଲେ। ତେବେ ଜଗଦମ୍ବା ସିମେଣ୍ଟ ପ୍ରସ୍ତୁତି କରିବାକୁ ଅନୁମତି ଥିବାବେଳେ ସେ ନକଲି ସିମେଣ୍ଟ ପ୍ରସ୍ତୁତ କରି ଅନ୍ୟ କମ୍ପାନୀ ନାମରେ ବିକ୍ରି କରୁଥିଲେ। ଏନେଇ ଅଲଟ୍ରାଟେକ୍ ସିମେଣ୍ଟ କମ୍ପାନୀ ସହ ଅନୁବନ୍ଧିତ ଥିବା ମୁମ୍ବାଇସ୍ଥିତ ଟର୍କ ଡିଟେକଟିଭ୍ ସଂସ୍ଥା ସୂଚନା ପାଇଥିଲା। ସଂସ୍ଥା ପକ୍ଷରୁ ଏନେଇ ଅଧିକ ତଦନ୍ତ କରାଯିବା ସହ ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରାଯାଇଥିଲା। ପରେ ଏନେଇ ସଂସ୍ଥା ପକ୍ଷରୁ ତମାଣ୍ଡୋ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ତମାଣ୍ଡୋ ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିବା ସହ ଉକ୍ତ ସିମେଣ୍ଟ କମ୍ପାନୀକୁ ସିଲ୍ କରିଥିଲା।



ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଯୋଗ ଶିକ୍ଷକ ଭଞ୍ଜକିଶୋର ଯତି ରବିବାର ଜଳ ଯୋଗାସନରେ ଭାରତ ମାନଚିତ୍ର ଓ ଜାତୀୟ ପତାକା ସ୍ଥାପନ କରି ଭାରତମାତାଙ୍କୁ ସମ୍ମାନ ଜଣାଉଛନ୍ତି।

## ସଂକ୍ଷେପରେ

### ୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲୁଗାଁ,୧୬।୮(ଡି.ଏନ୍.ଏ.):** ବାଲୁଗାଁ ରେଳ ଷ୍ଟେଶନରେ ନିଶା ଦ୍ରବ୍ୟ ଚୋରା ଚାଲାଣ, ଅସାମାଜିକ କାର୍ଯ୍ୟକଳାପ ଏବଂ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ସ୍ୱତନ୍ତ୍ର ଯାଞ୍ଚ ସୋମବାର ଆରପିଏଫ ଥାନା ଅଧିକାରୀ ମହେଶ୍ୱର ଚଣ୍ଡରାୟଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଉପ ନିରୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏଏସଆଇ ଜୟ କୁମାର ସିକେ, ଲୋକନାଥ ବେହେରା, ଡି.ଇ.ରାଓ, ଅଲେଖ ବେହେରା ପ୍ରମୁଖ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଆରପିଏଫ ଟିମ୍ ଜଣେ ଯୁବକଙ୍କୁ ସନ୍ଦେହ କରି ପଚରାଉଚରା କରିଥିଲେ। ଯୁବକ ଜଣକ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଆରପିଏଫ କର୍ମଚାରୀ ଉକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। ସେ ହେଲେ ବାଣପୁର ଥାନା ଦକ୍ଷପ୍ରଜାପତି ସାହିର ରିତିକ ରୋଷନ ମହାପାତ୍ର। ତାଙ୍କ ନିକଟରୁ ୫କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଓଡ଼ିଶାରୁ ସୁରାଟ ନେଇ ବ୍ୟବସାୟ କରୁଥିବା ରିତିକ ସ୍ୱୀକାର କରିଥିଲେ। ଆରପିଏଫ ସହାୟକ ସୁରକ୍ଷା ଅଧୀକ୍ଷକ ସଞ୍ଜୟ ସିଂହଙ୍କ ନିର୍ଦ୍ଦେଶକ୍ରମେ ମାମଲା ରୁଜୁ ହୋଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

**ଜଟଣୀ,୧୬।୮(ଡି.ଏନ୍.ଏ.):** ଜଟଣୀ ଉଦଭବ ଫାଉଣ୍ଡେଶନ ଓ କୁଦିଆରୀ ଗ୍ରାମବାସୀଙ୍କ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫ଏକର ପରିବ୍ୟାପ୍ତ ଶ୍ମଶାନର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ଚାରାରୋପଣ କରାଯାଇଥିଲା। ସେହିପରି ଦେଉଳବସ୍ତ ଗତିଶ୍ୱର ମନ୍ଦିର ଏବଂ ଖେଳପଡିଆ ପରିସରରେ ଉଦଭବ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅନନ୍ତ ବେହେରା, ସୁଦର୍ଶନ ସୁନ୍ଦରାୟ, ଲୁସେନ ରାଏ, ଶ୍ରୀନିବାସ ପ୍ରଧାନ, ପି.କେ.ମଙ୍ଗରାଜ, ଶୁଭକାନ୍ତ ପାଟସାହାଣୀ, ଜୟସୁରଜ ପଟ୍ଟନାୟକ, ବିଶ୍ୱଜିତ ପ୍ରଧାନ, ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଖୋର୍ଦ୍ଧା ଅଫିସ,୧୬।୮:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲା ଭାଜପା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିକୁଞ୍ଜ ପଟ୍ଟନାୟକ, ବିଜୟ ସ୍ୱାଇଁ, ପ୍ରତାପ ମହାପାତ୍ର, ରାଜ ରଣସିଂ, ଲିଟୁ ରାଉତରାୟ, ରଶ୍ମିତା ସାମନ୍ତରାୟ, ମିନତି ଘଡେଇ, ଚକ୍ରଧର ବେହେରା, ଯୋଗେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଳିପଡା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଆଲୋକ ରଞ୍ଜନ ଛୋଟରାୟ, ତ୍ରିଲୋଚନ ଦାସ, ରଞ୍ଜନ ବଡଜେନା, ପ୍ରଫୁଲ୍ଲ ଖଣ୍ଡେଇତରାୟ, ଶିକ୍ଷାବିତ୍ ନୀଳମାଧବ ସୁବୁଦ୍ଧି ପ୍ରମୁଖ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ୮୪ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୬।୮(ଡି.ଏନ୍.ଏ.):** ବେଗୁନିଆ ନିର୍ବାଚନୀମଣ୍ଡଳୀ ଯୁବ ବିଜେଡି ପକ୍ଷରୁ ପିଟୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ କରିଥିଲେ। ମେଳଣ ପଡିଆରେ ଚାରାରୋପଣ କରିଥିଲେ। ପିଟୁକୁଳି ବିଜେଡି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୮୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସୁବୁଦ୍ଧି, ଅନନ୍ତ ସେଠୀ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଭିଷେକ ସିଂ, ରାକେଶ ଛୁଆଳସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ବେଗୁନିଆ,୧୬।୮(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଶିମୋର ଗ୍ରାମର ଉର୍ମିଳା ଷଡ଼ଙ୍ଗୀ(୭୫)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ ଖବରଦାତା ଶିବ ପ୍ରସାଦ ଷଡଙ୍ଗୀଙ୍କ ମା'। କିଛି ଦିନ ହେବ ଉର୍ମିଳା ପେଟଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ପରେ ସେ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ଶିମୋର ଶ୍ମଶାନରେ ତାଙ୍କ ମୃତଦେହ ସଂସ୍କାର କରାଯାଇଛି।

# ଗ୍ରାମରକ୍ଷୀ ମୃତ, କନଷ୍ଟେବଳ ଗୁରୁତର

**ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୬।୮(ଡି.ଏନ୍.ଏ.)**

**ଜାତୀୟ ପତାକା ଉତ୍ତୋଳନ ବେଳେ ଅଘଟଣ**

ସ୍ୱାଧୀନତା ଦିବସ ପାଳନ ବେଳେ ଖୋର୍ଦ୍ଧା ଜିଲା ସିକୋ ଫାଣ୍ଡିରେ ଅଭାବନୀୟ ଘଟଣା ଘଟିଛି। ପତାକା ଉତ୍ତୋଳନ ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ଘଟିଥିବା ବେଳେ କନଷ୍ଟେବଳ ବୀରକିଶୋର ଭୋଳ ଆହତ ହୋଇଛନ୍ତି। ମୃତକ ହେଲେ ନିଧିପୁର ଗ୍ରାମର ଧନେଶ୍ୱର ଦାସ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ସକାଳେ ଫାଣ୍ଡିରେ ପତାକା ଉତ୍ତୋଳନ ପାଇଁ ଖମ୍ବ ପୋତୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଭୟ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ବୀରକିଶୋରଙ୍କୁ ଗୁରୁତର ଅବସ୍ଥାରେ ଏମ୍ସ ସ୍ଥାନାନ୍ତର କରାଯାଇଛି। ଜଙ୍କିଆ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ଆଇଚ ପ୍ରମୁଖ ମୃତକଙ୍କ ପରିବାର ପାଖରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ତହସିଲଦାର ଶତପଥୀ ୨୦ହଜାର ଟଙ୍କା, ଥାନା ଅଧିକାରୀ ଖୁଣ୍ଟିଆ ୧୦ ହଜାର, ଏସ୍‌ପିଙ୍କ ପକ୍ଷରୁ ୧୦ହଜାର ଏବଂ ଫାଣ୍ଡି ଅଧିକାରୀ ଆଇଚ ୫ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଆସୋସିଏଶନ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ଦିଆଯିବ। ଚାକିରି ଯେତେବେଳେ ବାହାରିବ ତାଙ୍କ ପୁଅକୁ ଯୋଗ୍ୟତା ଅନୁସାରେ ଦିଆଯାଇପାରେ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

## ମାତୃଭୂମି, ମାତୃଭାଷାକୁ ଗୁରୁତ୍ୱ ଦିଅ

**ଖୋର୍ଦ୍ଧା ଅଫିସ,୧୬।୮**

ମାତୃଭୂମି, ମାତୃଭାଷାର ଗୁରୁତ୍ୱ ରହିଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। ତଥାପି ସ୍ୱାଧୀନ ଭାରତରେ ଆମେ ଇଂଲିଶ ମୋହ ଛାଡି ପାରିଲୁ ନାହିଁ। ଆଜି ମଧ୍ୟ ମାତୃଭାଷା ପରିବର୍ତ୍ତେ ଇଂଲିଶକୁ ପ୍ରାଧାନ୍ୟ ଦେଉଛୁ। ଭାଷା ଗୋଟିଏ ଜାତିର ପରିଚୟ। ଯେଉଁ ଦେଶର ଭାଷା ଯେତେ ସମୃଦ୍ଧ ସେ ଦେଶରେ ପ୍ରଗତି ସେତିକି ସମୃଦ୍ଧ ବୋଲି କୁହାଯାଏ। ମାତୃଭାଷା ଓଡ଼ିଆକୁ ଭଲ ପାଆନ୍ତୁ,ଏଭଳି ଏକ ଅଭିଯାନ ସ୍ୱାଧୀନତା ଦିବସରେ ଖୋର୍ଦ୍ଧା କୋର୍ଟ ସମ୍ମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ଆହ୍ୱାନ ଦେଇ ଖୋର୍ଦ୍ଧା ନାଗରିକ ସମାଜ ଓ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଆରମ୍ଭ କରିଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ଏହି ଅଭିଯାନକୁ ଶୁଭାରମ୍ଭ କରି କହିଥିଲେ, ନିଜ ଭାଷାକୁ ନେଇ ଗର୍ବ ଅନୁଭବ କରନ୍ତୁ। ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରାନ୍ତୁ। ଓଡ଼ିଆ ଲେଖିବା ଅଭ୍ୟାସ କର। ସାମାଜିକ କର୍ମୀ ରାମଶଙ୍କରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଡ.ଲକ୍ଷ୍ମଣ ସାହୁ, ଅର୍ଜୁନ ସାମନ୍ତରାୟ, କବି ଗୋବିନ୍ଦ ମହାରଣା, ସମରେନ୍ଦ୍ର ବଳିଆରସିଂହ, ରାମନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ପ୍ରଭୁପାଦ ପ୍ରଧାନ, ଆଶିଷ ଦେଓ, ଦିବ୍ୟଜ୍ୟୋତି ସାମଲ, ହରିପ୍ରସାଦ ପରମଗୁରୁ, ଆଶିଷ ମହାପାତ୍ର ପ୍ରମୁଖ ସଂଯୋଜନା କରିଥିଲେ।

# ପାଇକ ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ ଦାବି

**ଖୋର୍ଦ୍ଧା ଅଫିସ,୧୬।୮**

ସ୍ୱାଧୀନତାର ୭୫ବର୍ଷରେ ପାଇକ ବୀରଙ୍କ ବୀରତ୍ୱକୁ ସ୍ମରଣ କରି ବରୁଣେଇ ପାଦଦେଶରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ପାଇକ ବୀରଙ୍କ ଲାଗି ଖୋର୍ଦ୍ଧା ମାଟି ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବ୍ରିଟିଶ ବିରୋଧରେ ଏଠାରୁ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୧୭ର ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଲାଭ କରିଛି। ଆଜି ଲାଲମାଟିର ଖୋର୍ଦ୍ଧା ଅବହେଳିତ ହୋଇରହିଛି। ୨୦୧୯ରେ ବରୁଣେଇ ପାଦଦେଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ପାଇକ ସ୍ମାରକୀ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଗଡ଼ଖୋର୍ଦ୍ଧା ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ଛକ ସ୍ଥିତ ପଞ୍ଚ ପାଇକ ଅନ୍ଧାରରେ ରହିଛନ୍ତି। ନିଜିଗଡ ତାପଙ୍ଗ ଅବହେଳିତ ଅବସ୍ଥାରେ ରହିଛି। ପାଇକ ସଂଗ୍ରହାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ବୋଲି କଳିଙ୍ଗ ପାଇକ ସଙ୍ଗଠନ କ୍ଷୋଭ ପ୍ରକାଶ କରିଛି। ସଙ୍ଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ରମଜାନ୍ ଖାଁ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ଲକ୍ଷ୍ମଣ ସାହୁ, ମୃତ୍ୟୁଞ୍ଜୟ ଛୋଟରାୟ, ହରପ୍ରସାଦ ମହାପାତ୍ର, ଅବନୀ ଜେନା, ଧରଣୀଧର ଛୋଟରାୟ ପ୍ରମୁଖ ଯୋଗଦେଇ ମହାନ୍ ସଂଗ୍ରାମୀଙ୍କ ସ୍ମରଣ କରିବା ସହ ପ୍ରସ୍ତାବିତ ପାଇକ ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସଂଘ ଜିଲା ପ୍ରଶାସନ ନିକଟରେ ଦାବି କରିଛି।

## କୋଭିଡ୍ କଟକଣାକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୬।୮**

କୋଭିଡ୍ କଟକଣା ମଧ୍ୟରେ ସୋମବାରଠାରୁ ୯ମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ସୋମବାର ସକାଳ ୯ଟାରେ ପିଲାମାନେ ଧାଡିରେ ସାମାଜିକ ଦୂରତ୍ୱ ରକ୍ଷାକରି ବିଦ୍ୟାଳୟକୁ ଆସିଥିଲେ। ସାଥିରେ ଅଭିଭାବକଙ୍କ ଅନୁମତି ପତ୍ର ଆଣିଥିଲେ। ସକାଳ ୯ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ପର୍ଯ୍ୟନ୍ତ ପାଠପଢ଼ା ହୋଇଥିଲା। ଦୀର୍ଘ ଦିନ ପରେ ବିଦ୍ୟାଳୟ ଖୋଲିଥିବାରୁ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ କହିଛନ୍ତି, କୋଭିଡ କଟକଣା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତି କ୍ଲାସରୁମକୁ ସାନିଟାଇଜ୍ କରାଯାଇଛି। ଆଇସୋଲେଶନ କୋଠରୀର ମଧ୍ୟ ବ୍ୟବସ୍ଥା ରହିଛି। ପିଲାମାନେ ପରସ୍ପର ଠାରୁ ୨ମିଟର ଦୂରତ୍ୱ ରଖି ବସିବେ। ପୂର୍ବରୁ ପିଲାଙ୍କ ରୋଲ ନମ୍ବର ଅନୁଯାୟୀ ସିଟିଂ ଆରେଞ୍ଜମେଣ୍ଟ କରାଯାଇଛି ବୋଲି ସେ କହିଛନ୍ତି। ପ୍ରଥମ ଦିନରେ ଖୋର୍ଦ୍ଧା ଜିଲାରେ ୪୦ପ୍ରତିଶତ ଛାତ୍ରୀଛାତ୍ର ବିଦ୍ୟାଳୟ ଆସିଥିବା ଜଣାପଡିଛି।

# 'ଉନ୍ନୟନ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଅ'

**ବାଲୁଗାଁ,୧୬।୮(ଡି.ଏନ୍.ଏ.)**

ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଚିଲିକା ନିର୍ବାଚନମଣ୍ଡଳୀ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକା ବିଜେଡି କାର୍ଯ୍ୟାଳୟ ଠାରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜନସାଧାରଣ ପାଖରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଆଗାମୀ ଦିନରେ ଚିଲିକାର ଉନ୍ନତି ନିମିତ୍ତ ଏକ ଖସଡ଼ା ପ୍ରସ୍ତୁତି କରି ୧୮ମାସରେ ୧୮ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ଚିଲିକାର ବିକାଶ ଦିଗରେ ବିନିଯୋଗ କରାଯିବ ବୋଲି ବିଧାୟକ ଜଗଦେବ ସଙ୍କଳ୍ପ ନେଇଥିଲେ। ଏହି ବୈଠକରେ ବିଜେଡି ଦଳର ପ୍ରମୁଖ ନେତା ଓ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ।

# ଫାଟୁଆ ରୋଗ ଚିକିତ୍ସା ପାଇଁ କୁକୁଡ଼ା ବଳି

**ଖୋର୍ଦ୍ଧା ଅଫିସ,୧୬।୮**

- ଗାଁ ଗାଁରେ ଚାଲିଛି ପୂଜାର୍ଚ୍ଚନା
- ଟିକା ଆସିଲେ କ୍ୟାମ୍ପେନ ମୋଡରେ ଦିଆଯିବ

ଖୋର୍ଦ୍ଧା ଜିଲାରେ ଗୋରୁଙ୍କଠାରେ ଫାଟୁଆ ରୋଗ ବୃଦ୍ଧି ପାଇଛି। ଗୋପାଳକମାନେ ପ୍ରାଣୀଧନ ଚିକିତ୍ସକଙ୍କୁ ଯୋଗାଯୋଗ କରିବା ପରିବର୍ତ୍ତେ ଫାଟୁଆ ମା'ଙ୍କ ପୂଜାର୍ଚ୍ଚନା କରି କୁକୁଡ଼ା ବଳି ଦେଉଛନ୍ତି। ଏବେ ବି ଗ୍ରାମାଞ୍ଚଳରେ ଏଭଳି ଅନ୍ଧବିଶ୍ୱାସ ରହିଥିବା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନ୍ୟପଟେ ଏନେଇ ବ୍ଲକ ପ୍ରାଣୀଧନ ବିଭାଗ ନିକଟରେ କୌଣସି ଖବର ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ଏହି ବ୍ଲକର ସିମୋର, ଗଁପୁର, ପୋଡାଡ଼ିହ ସମେତ ବହୁ ଗାଁରେ ଗୋରୁଙ୍କଠାରେ ଫାଟୁଆ ରୋଗ ଦେଖାଯାଇଛି। ଉପଯୁକ୍ତ ଚିକିତ୍ସା ନ ହେବାରୁ ଏକ ମାସ ମଧ୍ୟରେ ଫାଟୁଆ ରୋଗରେ ଅନେକ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଫାଟୁଆ ରୋଗରେ ଗୋରୁ ମରୁଥିବା



ମା'ଙ୍କ ପାଖରେ କୁକୁଡ଼ା ବଳି ପକାଯାଉଛି।



ଫାଟୁଆ ରୋଗ।

ବେଳେ ବେଗୁନିଆ ପ୍ରାଣୀଧନ ବିଭାଗ ପକ୍ଷରୁ ଚିକିତ୍ସାର ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଏହି ରୋଗର ଉପଶମ ପାଇଁ ରାତିରେ ଫାଟୁଆ ମା'ଙ୍କ ପୂଜାର୍ଚ୍ଚନା ସହ କୁକୁଡ଼ା ବଳି ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି ବୋଲି କେତେଜଣ ଗୋପାଳକ କହିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ (ସିଡିଭିଓ) ଆଶିଷ କୁମାର ଶତପଥୀ କହିଛନ୍ତି, ଫାଟୁଆ ରୋଗର ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଭ୍ୟାକ୍ସିନେସନ ଅଭାବ ରହିଛି। ଏହା କେନ୍ଦ୍ର ସରକାରଙ୍କ ଯୋଜନା। ସରକାରଙ୍କ ପକ୍ଷରୁ ଭ୍ୟାକ୍ସିନ ଆସିଲେ କ୍ୟାମ୍ପେନ ମୋଡରେ ସମସ୍ତ ପ୍ରାଣୀସମ୍ପଦକୁ ଫାଟୁଆ ଟିକା ଦିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱରଞ୍ଜନ



@ ମିଟୁ



@ ସିଲୁ



@ ରସାନନ୍ଦ



@ ସସ୍ମିତା



@ ସୌଜନ୍ୟ

# ଖୋର୍ଦ୍ଧାରେ ଇକୋ ଫ୍ରେଣ୍ଡ୍‌ଲି ରାଖୀ



ଷ୍ଟଲ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୬।୮**

ଆଉ ଦିନ କେଇଟା ପରେ ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷାବନ୍ଧନ। ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ରାଖୀ ଦୋକାନ ଆଗରେ ଭିଡ଼ ଜମିଲାଣି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବଜାରରେ ବିଭିନ୍ନ ପ୍ରକାର ରାଖୀ ଷ୍ଟଲ୍ ଖୋଲିଛି। ବଜାରରେ ଷ୍ଟୋନ୍, ବ୍ରେସଲେଟ, ଡୋରି ରାଖୀର ଚାହିଦା ରହିଛି। ଚଳିତ ବର୍ଷ ବଜାରରେ ଇକୋ ଫ୍ରେଣ୍ଡ୍‌ଲି ରାଖୀ ଗ୍ରାହକଙ୍କ ପ୍ରଥମ ପସନ୍ଦ ରହିଛି। ଜିଲା ପ୍ରଶାସନ ଆନୁକୂଲ୍ୟରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ସାଇବାବା ପ୍ରଡ୍ୟୁସର ଗ୍ରୁପ୍ ଅଧୀନ ଗୋଡିପଡ଼ାର ୪ ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଷ୍ଟଲ୍‌କୁ ରବିବାର ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ ଉଦ୍‌ଘାଟନ କରିଛନ୍ତି। ମହାମାୟୀ ସ୍ୱୟଂ ସହାୟକ, ମା' ମଙ୍ଗଳା, ମା' ସନ୍ତୋଷୀ ଏବଂ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମିଳିତ ଭାବେ ଏହି ଇକୋ ଫ୍ରେଣ୍ଡ୍‌ଲି ରାଖୀ ଷ୍ଟଲ୍ ଖୋଲାଯାଇଛି। ପ୍ରଥମ ଥର ଲାଗି ମାଟି, ଧାନ, ସବାଇ ଘାସ, ଝୋଟ ଆଦି ଦ୍ରବ୍ୟକୁ ନେଇ ରାଖୀ ପ୍ରସ୍ତୁତ କରାଯାଇଛି। ସବାଇ ଘାସ ଏବଂ ଝୋଟ ରାକ୍ଷୀ ଗ୍ରାହକଙ୍କ ପ୍ରଥମ ପସନ୍ଦ ରହିଛି। ମାଟିରେ ଷ୍ଟୋନ ଦିଆଯାଇ ଗୋଲାକାର ଆକାର ପ୍ରସ୍ତୁତ ରାଖୀ ସ୍ୱତନ୍ତ୍ର ଆକର୍ଷଣ ସାଜିଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ରାକ୍ଷୀ ବଜାର ଖୋଲାରହିବ। ବାଲିଅନ୍ତା, ବାଲିପାଟଣା, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଯୋଗରେ ସଂଗୃହୀତ ସାମଗ୍ରୀକୁ ଏକତ୍ରିତ କରି ଏହି ୪ଟି ଗ୍ରୁପ୍ ୨ମାସ ପୂର୍ବରୁ ଏହି ରାଖୀ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏଥିଲାଗି ପ୍ରଶାସନ ପକ୍ଷରୁ ୩ଲକ୍ଷ ୪ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏହି ଇକୋ ଫ୍ରେଣ୍ଡ୍‌ଲି ରାଖୀ ପ୍ରଶଂସା ସାଉଁଟିବା ସହ ଗ୍ରାହକଙ୍କ ପ୍ରଥମ ପସନ୍ଦ ରହିଛି।

**ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି**

**ପୁରୀ ଅଫିସ:** ସାମାନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଦାବିରେ ସୋମବାର ଟାଉନ ହଲ ଛକରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ଦସ୍ତଖତ ଅଭିଯାନରେ ପୁରାତନ ଛାତ୍ର ନେତା ଭଗବାନ ପଢ଼ିଆରୀଙ୍କ ନେତୃତ୍ୱରେ ପୂର୍ବତନ ଛାତ୍ର ସଭାପତି ରାଜଶେଖର ପାଢ଼ୀ, ରିଜନ ମହମ୍ମଦ, ସଂଗ୍ରାମ କେଶରୀ ଦାଶ, ସାରଦା ପ୍ରସାଦ ସାମଲ, ଭକ୍ତଚରଣ ଦାଶ ଉପସ୍ଥିତ ରହି ଏହି ଦସ୍ତଖତ ଅଭିଯାନକୁ ଆଗେଇ ନେବା ପାଇଁ ଦସ୍ତଖତ ଅଭିଯାନ ପୁସ୍ତିକାର ଉନ୍ମୋଚନ କରିଥିଲେ।




| | |
|---|---|
| ୧୬।୦୮।୨୦୨୧ | |
| ୭୬,୯୫୪ ଟଙ୍କା | |
| ସୁନା | ୦.୯୫୦ ଗ୍ରାମ |

## ୯ ନଦୀବନ୍ଧ ସଂଯୋଗୀକରଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ନିମାପଡ଼ା,୧୬।୮(ଡି.ଏନ୍.ଏ.):** ନିମାପଡ଼ା ଜଳସେଚନ ବିଭାଗ ପକ୍ଷରୁ ୩୬ଲକ୍ଷ ଟଙ୍କା ବ୍ୟୟରେ କୁଶଭଦ୍ରା ନଦୀବନ୍ଧର ୯ଟି ନଦୀବନ୍ଧ ସଂଯୋଗୀକରଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ସଂଯୋଗୀକରଣ ରାସ୍ତାଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାସ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ସରପଞ୍ଚ ପବିତ୍ର ମହାପାତ୍ର, ସନାତନ ପ୍ରଧାନ, ସନ୍ତୋଷ ଓଝା, ଅରୁଣ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସି ଅନ୍ତର୍ଗତ ପ୍ରହରାଜ ସାହି, ଅମୁଣିଆପାଟଣା, ରାସବାଡ଼ି ମଠ, ଅଣ୍ଡିଆ ସାହି, ଶ୍ୟାମସୁନ୍ଦରପୁର ଓ ଡେଣୁଆଁ ପଞ୍ଚାୟତର ଡେଣୁଆଁ ଗ୍ରାମ ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ଅଫିସ ପାଖ, ଡେଣୁଆଁ ବସ୍ତି, ନାକଡିହ ଆଦି ୯ଟି ଗ୍ରାମରେ ନଦୀବନ୍ଧ ସଂଯୋଗୀକରଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଖୁବଶୀଘ୍ର ଏହି ରାସ୍ତାଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ଦାଶ କହିଥିଲେ।

## ପୂର୍ବତନ ବ୍ଲକ ଅଧକ୍ଷଙ୍କୁ ଦଳରୁ ବହିଷ୍କାର କଲା ବ୍ଲକ କଂଗ୍ରେସ

**କାକଟପୁର,୧୬।୮(ଡି.ଏନ୍.ଏ.):** କଂଗ୍ରେସ ନେତା ତଥା କାକଟପୁର ବ୍ଲକର ପୂର୍ବତନ ଅଧକ୍ଷ ବିପିନ ମହାନ୍ତିଙ୍କ ନାମରେ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ରାଜକିଶୋର ସାହୁ ପୂର୍ବତନ ଅଧକ୍ଷ ମହାନ୍ତିଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟପଦରୁ ୬ବର୍ଷ ପାଇଁ ବହିଷ୍କାର କରିଛନ୍ତି। ସୋମବାର କୋଣାର୍କଠାରେ ଦଳ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ସଭାପତି ସାହୁ ଏହି ଘୋଷଣା କରିଛନ୍ତି। ବ୍ଲକ କଂଗ୍ରେସ କମିଟି ଏହି ନିଷ୍ପତ୍ତିକୁ ଜିଲା କମିଟି ଓ ରାଜ୍ୟ କମିଟିକୁ ଅବଗତ କରାଇଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ବିପିନ ମହାନ୍ତି କହିଛନ୍ତି, ଦୀର୍ଘବର୍ଷ ହେବ ତାଙ୍କ ପରିବାର କଂଗ୍ରେସ ଦଳରେ ରହିଛନ୍ତି। ଯେଉଁମାନେ ଏହି ଘୋଷଣା କରିଛନ୍ତି ନିମାପଡ଼ାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଯେଉଁ ରାସ୍ତାକାମ ଚାଲିଛି, ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ କରିଥିଲି। କିନ୍ତୁ ବ୍ଲକ କଂଗ୍ରେସର କେତେଜଣ ନେତା ଠିକାଦାରଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ମୋ ପ୍ରତି ଏଭଳି ଆଚରଣ କରିଛନ୍ତି।

## କୁକୁଡ଼ା ଚାଷୀଙ୍କ ସମସ୍ୟା ନେଇ ବୈଠକ

**ପିପିଲି,୧୬।୮(ସ୍ୱ.ପ୍ର.):** ପିପିଲିସ୍ଥିତ ଶ୍ରୀରାମ ମଣ୍ଡପରେ ରାଜ୍ୟ କୁକୁଡ଼ା ଚାଷୀଙ୍କ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫନୀ ବାତ୍ୟାରେ କୁକୁଡ଼ା ଫାର୍ମ ସବୁ ଭାଙ୍ଗିରୁଜି କୁକୁଡ଼ା ଚାଷୀ ସର୍ବସ୍ୱାନ୍ତ ହୋଇଯାଇଥିବା ବେଳେ ଏଯାବତ ସହାୟତା ପାଇବାରେ କୁକୁଡ଼ା ଚାଷୀମାନେ ବଞ୍ଚିତ ହୋଇଛନ୍ତି। ରାଜ୍ୟରେ ସମସ୍ତ ଫନୀ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ନେଇ ପଲଟ୍ରି ଫାର୍ମର୍ସ ଆସୋସିଏଶନ୍ ଅଫ ଓଡ଼ିଶା ନାମରେ ଏକ ସଂଘ କୁକୁଡ଼ା ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଗଢ଼ାଯାଇଥିଲା। ତେବେ କୁକୁଡ଼ା ଚାଷୀଙ୍କ ସମସ୍ୟା ନିମନ୍ତେ ଫାର୍ମର୍ସ ଆସୋସିଏଶନ ସଭାପତି ଜ୍ୟୋତିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସଭା ହେଉଥିବା ବେଳେ ଚାଷୀମାନେ କିପରି ସହାୟତା ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଫନୀକୁ ବିତିବାର ୨ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ ସରକାର ଫନୀ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ସହାୟତା ଦେବାରେ ସକ୍ଷମ ହେଲେ ନାହିଁ ବୋଲି ସଭାରେ ସଂଘ ସମ୍ପାଦକ ଅବନି ରଞ୍ଜନ ଦାଶ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। କାର୍ଯ୍ୟକ୍ରମରେ ଡେଲାଙ୍ଗ, କଣାସ, ପିପିଲି, ସତ୍ୟବାଦୀ ଆଦି ଅଞ୍ଚଳର ଚାଷୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘ କୋଷାଧକ୍ଷ ଅଶୋକ ପାତ୍ର, ମିଡିଆ ସେଲ ରବି ନାରାୟଣ ମହାପାତ୍ର, ସନ୍ତୋଷ ପ୍ରଧାନ, ସତ୍ୟବାଦୀ ସଂଯୋଜକ କାଳନ୍ଦି ପ୍ରଧାନ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କ ଦର୍ଶନରେ ସହରବାସୀ ଆତ୍ମବିଭୋର

**ପୁରୀ ଅଫିସ,୧୬।୮**



ପୁରୀବାସୀଙ୍କ ପାଇଁ ସୋମବାର ଶ୍ରୀମନ୍ଦିର ଦର୍ଶନ ଆରମ୍ଭ ହେବା ପରେ ୱାର୍ଡୱାରି ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଯାଉଛନ୍ତି।

ପୁରୀ ସହରବାସୀଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସୋମବାରଠାରୁ ଆରମ୍ଭ ହୋଇଛି। ୩, ୧୫ ଓ ୧୮ ନମ୍ବର ୱାର୍ଡର ଲୋକେ ସକାଳ ୭ଟାରୁ ୧୦ଟା ୩୦ ମଧ୍ୟରେ, ୬ ଓ ୯ ନମ୍ବର ୱାର୍ଡର ଲୋକେ ୧୧ଟାରୁ ୨ଟା ୩୦ ମଧ୍ୟରେ ଏବଂ ୧୧, ୧୨ ଓ ୧୪ ନମ୍ବର ୱାର୍ଡର ଲୋକେ ସନ୍ଧ୍ୟାବେଳେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଦୀର୍ଘଦିନ ପରେ ମହାପ୍ରଭୁଙ୍କ ଦର୍ଶନ ପାଇ ସହରବାସୀ ଆତ୍ମବିଭୋର ହୋଇଯାଇଥିଲେ। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପାଇଁ ପୌରସଂସ୍ଥା ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସହରବାସୀ ନିର୍ଦ୍ଧାରିତ ସମୟରେ ସପରିବାର ସହ ଶ୍ରୀମନ୍ଦିର ବ୍ୟାରିକେଡ୍ ସମ୍ମୁଖରେ ଥିବା ଲୌହ ଶେଡ୍ ମଧ୍ୟରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ କିଓସ୍କୋ ମଧ୍ୟରେ ଫଟୋ ସ୍କାନ୍ କରିବା ସହ ଟୋକନ୍ ଓ ପରିଚୟପତ୍ର ଦେଖାଇ ଭିତରକୁ ଯାଇଥିଲେ। ସେହିଭଳି ଲୌହଶେଡ୍ ମଧ୍ୟରେ ସାନିଟାଇଜର ଓ ପାନୀୟ ଜଳର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ସାମାଜିକ ଦୂରତା ରକ୍ଷା କରି ସହରବାସୀ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଆରମ୍ଭ ହେବା ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯାଇଥିଲା।

ଏପ୍ରିଲ୍ ୨୪ ତାରିଖ ପରଠାରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ଥିବା ହେତୁ ପୁରୀ ସହରବାସୀ ପ୍ରତ୍ୟକ୍ଷ ଦର୍ଶନରୁ ବଞ୍ଚିତ ହୋଇଥିଲେ। ପୁଣିଥରେ ମହାପ୍ରଭୁଙ୍କ ଦର୍ଶନ ମିଳିବା ପରେ ସହରବାସୀଙ୍କ ମଧ୍ୟରେ ଉନ୍ମାଦନା ଦେଖାଦେଇଥିଲା। ଭକ୍ତବତ୍ସଳ ଠାକୁରଙ୍କ ଦର୍ଶନ ପାଇଁ ସହରବାସୀଙ୍କ ବ୍ୟାକୁଳତା ହୋଇ ଚାହିଁ ରହିଥିଲେ। ଗହଳଚହଳ ପରିବେଶ ମଧ୍ୟରେ ସହରବାସୀ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିଥିବା ବେଳେ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ୱାର୍ଡୱାରୀ ସମୟ ଧାର୍ଯ୍ୟ ହୋଇଥିଲେ ମଧ ଶ୍ରୀମନ୍ଦିର ପରିସରରେ ସାଧାରଣ ଲୋକେ ଢ଼େର ସମୟ କଟାଇଛନ୍ତି। ଦର୍ଶନ ସାରିବା ପରେ ଲୋକେ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବା ବଦଳରେ ବାଇଶ ପାହାଚଠାରେ ଆସି ବସିଥିବାର ଦେଖିବାକୁ ମିଳିଥିଲା। ବାସେଳୀ ସାହି ସ୍ୱପ୍ନା ମହାପାତ୍ର ଦର୍ଶନ ସାରିବା ପରେ କହିଛନ୍ତି, ଶ୍ରୀମନ୍ଦିରର ଅତି ନିକଟରେ ରହୁଥିବା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ମିଳିପାରୁ ନ ଥିଲା। ମହାପ୍ରଭୁଙ୍କ ଏଭଳି ଖୋଲା ଦର୍ଶନ ସ୍ୱାଭାବିକ ଭାବେ ମିଳି ନ ଥାଏ। ମାତ୍ର କରୋନା ହେତୁ ଶୃଙ୍ଖଳିତ ଦର୍ଶନ ଚାଲିଥିବା ହେତୁ ମହାପ୍ରଭୁଙ୍କୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଲା। ମୋ ଜୀବନରେ ଏହି ଦିନଟି ସ୍ୱତନ୍ତ୍ର ହୋଇ ରହିବ। ଅନ୍ୟପକ୍ଷରେ ସହରବାସୀଙ୍କ ଦର୍ଶନ ବେଳେ କେତେଜଣ ପର୍ଯ୍ୟଟକ ଯେଉଁମାନେ ଶ୍ରୀମନ୍ଦିର ନିକଟରେ ରହିଥିଲେ, ସେମାନେ ମଧ ଶ୍ରୀମନ୍ଦିର ଯିବାକୁ ଚାହିଁଥିଲେ। ସେମାନଙ୍କୁ ରୋକାଯିବାରୁ, ଅନ୍ୟମାନଙ୍କୁ କାହିଁକି ଛଡ଼ାଯାଉଛି ବୋଲି ପଚାରିଥିଲେ। ପରେ ବୁଝାଶୁଝା କରିବାରୁ ପର୍ଯ୍ୟଟକମାନେ କେବଳ ପତିତପାବନ ଦର୍ଶନ କରି ଫେରିଥିଲେ। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପ୍ରଥମ ଦିନରେ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଶେଷ ହୋଇଛି। ସହରବାସୀ ୱାର୍ଡୱାରୀ ଦର୍ଶନ କରୁଛନ୍ତି। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ କହିଛନ୍ତି, ୱାର୍ଡୱାରୀ ଦର୍ଶନ ଆଜିଠାରୁ ଆରମ୍ଭ ହୋଇଛି। ଏଭଳି ଦର୍ଶନ ପ୍ରକ୍ରିୟା ୫ଦିନ ଧରି ଜାରି ରହିବ। ଟୋକାନ୍ ଆବଣ୍ଟନ ଚାଲୁ ରହିଛି। ଦର୍ଶନ ପାଳି ପଡ଼ିବା ପୂର୍ବରୁ ସହରବାସୀଙ୍କ ପାଖରେ ଟୋକନ୍ ପହଞ୍ଚିବ। ଲୋକେ ସହଜରେ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ୧, ୪, ୫, ୭ ଓ ୧୦ ନମ୍ବର ୱାର୍ଡର ଲୋକେ ଦର୍ଶନ କରିବେ। ଅନ୍ୟପକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ସୁରକ୍ଷିତ ଭାବେ ଚାଲିଛି। ଦିନ ୧୧ଟାରେ ସକାଳ ଧୂପ ଶେଷ ହେବା ପରେ ଅପରାହ୍ନ ୨ଟା ୩୫ରେ ମଧାହ୍ନ ଧୂପ ଶେଷ ହୋଇ ସନ୍ଧ୍ୟା ଆଳତି ୫ଟା ୩୫ରେ ହୋଇଛି।

## ସ୍ୱର୍ଗଦ୍ୱାରରେ ସ୍ୱାଭାବିକ ହେଲା ମୃତଦେହ ସତ୍କାର

**ପୁରୀ ଅଫିସ,୧୬।୮**



କରୋନା ପାଇଁ ପୁରୀର ପବିତ୍ର ସ୍ୱର୍ଗଦ୍ୱାରରେ ଜିଲା ବାହାରର ଲୋକଙ୍କ ମୃତଦେହ ସତ୍କାର ଉପରେ ଲାଗିଥିବା କଟକଣାକୁ ଜିଲା ପ୍ରଶାସନ ପକ୍ଷରୁ ସୋମବାରଠାରୁ ହଟାଇ ଦିଆଯାଇଛି। ଫଳରେ ଜିଲା ବାହାରର ମୃତଦେହକୁ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର କରାଯାଇଛି। ତେବେ ମୃତକଙ୍କ କୋଭିଡ ନେଗେଟିଭ୍ ରିପୋର୍ଟ ପ୍ରମାଣପତ୍ର ଏବଂ ମୃତ୍ୟୁର କାରଣ ଦେଖାଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇପାରିବ ବୋଲି ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ମହୋଦଧୀରେ ମଧ ମୃତକଙ୍କ ଅସ୍ଥି ବିସର୍ଜନ କରାଯାଇପାରିବ। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ନୂଆ ଏସ୍‌ଓପି କରାଯାଇଛି। ତେବେ କରୋନା କାରଣରୁ ଏପ୍ରିଲରୁ କେବଳ ଜିଲା ଭିତରର ମୃତକଙ୍କ ଦାହ ସ୍ୱର୍ଗଦ୍ୱାରରେ କରାଯାଉଥିଲା। କଟକଣା ଯୋଗୁ ଅନେକ ମୃତଦେହକୁ ସମ୍ପର୍କୀୟମାନେ ସ୍ୱର୍ଗଦ୍ୱାର ଆସି ଫେରିଯାଉଥିଲା। ଜିଲାରେ କୋଭିଡ୍ ସଂକ୍ରମଣ ସ୍ଥିତି ହ୍ରାସ ପାଇବା ପରେ ସ୍ୱର୍ଗଦ୍ୱାର ପରିସରରେ ବାହାର ଜିଲାର ମୃତଦେହ ଦାହ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ମୃତକଙ୍କ ସହ ସର୍ବାଧିକ ୧୦ ଜଣ ସମ୍ପର୍କୀୟ ସ୍ୱର୍ଗଦ୍ୱାର ଆସିପାରିବେ। ସୋମବାର ସ୍ୱର୍ଗଦ୍ୱାରରେ ୩୩ଜଣ ମୃତକଙ୍କ ସତ୍କାର କରାଯାଇଛି । ସେଥିମଧ୍ୟରୁ ୧୯ ଜିଲା ବାହାରର ବୋଲି ସୂଚନା ମିଳିଛି।

## ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ପୁରୀ ଅଫିସ,୧୬।୮**

ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। କାଠପୋଲ ମରାମତି ଓ ପୁନରୁଦ୍ଧାର କରିବା ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩୧୬ ନଂ ଜାତୀୟ ରାଜଥରୁ ଅବରୋଧ ହଟାଇବା, ସତ୍ୟବାଦୀ, ସାତଶଙ୍ଖ, ପଟ୍ଟନାୟିକିଆ ଛକ, ମାଳତୀପାଟପୁରରେ ଆଲୋକୀକରଣ ବ୍ୟବସ୍ଥା ଏବଂ ଦୁର୍ଘଟଣାପ୍ରବଣ ସ୍ଥାନ ଯାଞ୍ଚ କରି ପଦକ୍ଷେପ ନେବା, ସ୍ଥାନୀୟ ପୋଲିସ ସହ ପରାମର୍ଶ କରି ହମ୍ପ ବଦଳରେ ସ୍ପିଡ ବ୍ରେକର ଲଗାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୫ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉପ ଜିଲାପାଳ ଭବତାରଣ ସାହୁ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଜୟନ୍ତ କୁମାର, ତହସିଲଦାର ରବୀନ୍ଦ୍ର ପ୍ରଧାନ, ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜର ଜାନକୀବଲ୍ଲଭ ସାହୁ, ବେସରକାରୀ ବସ ମାଲିକ ସଂଘ ସମ୍ପାଦକ ଲୋକନାଥ ପାଣି, ସମୀର ରଞ୍ଜନ ଦଳାଇ, ମୋଟରଯାନ ନିରୀକ୍ଷକ ଶୁଭେନ୍ଦୁ ରଞ୍ଜନ ରାୟ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ‘ଓଡ଼ିଶା ପ୍ରଗତିପଥେ ଆଗେଇ ଚାଲିଛି’



ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୬।୮**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ ମହାନ୍ତି ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରି କହିଥିଲେ, ସ୍ୱାଧୀନତା ପରେ ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ରାଜ୍ୟ ସରକାର ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏକ ପ୍ରଗତିଶୀଳ ରାଜ୍ୟ ଗଠନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଖୋର୍ଦ୍ଧା ଏକ ଐତିହ୍ୟ ମାଟି। ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଅନୁଡିଶାଳ ଭାବେ କୃତିତ୍ୱ ଲାଭ କରିଛି। ପାଇକ ପୁଅଙ୍କ ବୀରତ୍ୱ ପାଇଁ ଏ ମାଟି ଗର୍ବିତ। ଏହି ମାଟି ବରପୁତ୍ର ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ସାରସ୍ୱତ ଓ ଯଶସ୍ୱୀ ସାଧକଙ୍କ ଲାଗି ଗର୍ବିତ। ପାଇକ ବୀରଙ୍କ ତ୍ୟାଗ, ନିଷ୍ଠା, ବଳିଦାନ ସର୍ବଦା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ ବୋଲି ସେ କହିଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏସ୍‌ପି ରାଜକିଶୋର ଦୋରା, ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ ଗୌରବ ଶିବାଜୀ, ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ତହସିଲଦାର ପଦ୍ମଚରଣ ସାହୁ, ଡିଏସ୍‌ପି ସୁଶୀଲ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଗାଥା ଶୁଣାଇଲେ


ପୋଲିସମାନେ ପରେଡ କରୁଛନ୍ତି।

**ପୁରୀ ଅଫିସ,୧୬।୮**

ପୁରୀ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଟକଣାରେ କେବଳ ପୋଲିସ ବାହିନୀର ଦୁଇଟି କଣ୍ଟିଜେଣ୍ଟ ପରେଡରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଳ ସିଂ ଉପସ୍ଥିତ ଥିଲେ। ମନ୍ତ୍ରୀ ସ୍ୱାଇଁ ସମ୍ବୋଧନ କରିବା ଅବସରରେ ଦେଶ ଓ ପୁରୀର ସ୍ୱାଧୀନତା ସଂଗ୍ରାମୀ, ବୀରପୁତ୍ର, ପୂଜ୍ୟପୂଜାମାନଙ୍କ ଦେଶ ପ୍ରେମ ଏବଂ ସମାଜ ସଂସ୍କାର ଉପରେ ଆଲୋକପାତ କରାଇଥିଲେ। ଏହି ଅବସରରେ ୨୫ଜଣ କରୋନା ଯୋଦ୍ଧା ଅନେକ ଆଶା, ଅଙ୍ଗନୱାଡ଼ି, ଏଏନଏମ୍ କର୍ମୀ, ଡାକ୍ତର ଓ ପୋଲିସ ଅଧିକାରୀଙ୍କୁ ଫୁଲ ଚାରା ଦିଆଯାଇଥିଲା। ପଡ଼ିଆ ପରିସରରେ ଚାରାରୋପଣ କରାଯାଇଥିଲା। ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଷ୍ଟାନ୍ନ, ଫଳ ବଣ୍ଟନ କରାଯାଇଥିଲା। ଏହାପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ରେଡକ୍ରସ ସମିତି, ଭାରତ ବିକାଶ ପରିଷଦ ଓ ବଡଶଙ୍ଖ ଯୁବ ସାଂସ୍କୃତିକ ସଂଗଠନର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ବିନୟ ଦାଶ, ସୁଭାଷ ଚନ୍ଦ୍ର ନାଥଶର୍ମା, ପିଡି ଡିଆରଡିଏ ଜ୍ୟୋତି ଶଙ୍କର ମହାପାତ୍ର, ଉପ ଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ଇନିସପେକ୍ଟର ଟୁନୁ ସାହୁ ପରେଡ ପରିଚାଳନା କରିଥିଲେ ।

# ଚିଲିକା ସେତୁ ପାଇଁ ସର୍ବଦଳୀୟ ବିତର୍କ

**ବ୍ରହ୍ମଗିରି, ୧୬ ।୮ ( ଡି.ଏନ୍.ଏ.)**

ଚିଲିକାରେ ସେତୁ ନିର୍ମାଣ ପାଇଁ ଏବେ ଜନଆନ୍ଦୋଳନ ତେଜିଛି। ଏ ନେଇ ରବିବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଫଣସପଦାରେ ସାଧାରଣ ନାଗରିକ ମଞ୍ଚ ତରଫରୁ ଚିଲିକା ହ୍ରଦରେ ସାତପଡ଼ାଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ସେତୁ ନିର୍ମାଣ ଦାବିରେ ଏକ ଖୋଲା ମଞ୍ଚ ବିତର୍କ ଅନୁଷ୍ଠିତ ହୋଇଛି। ଏଥିରେ ମଞ୍ଚର ସଭାପତି ରଞ୍ଜନ ଦଳାଇ ଅଧକ୍ଷତା କରିଥିଲେ। ଭାଜପା ନେତା କୃଷ୍ଣ ଜଗଦେବ, ଶଙ୍କର୍ଷଣ ପରିଡ଼ା, କେଲୁଚରଣ ଜେନା, ଉପକୂଳ ବାଲିବନ୍ତ ସୁରକ୍ଷା ପରିଷଦ ଅଧକ୍ଷ ଦିଗମ୍ବର ବେହେରା, ସିପିଏମ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ, ସିପିଆଇ ନେତା ଅଧିବକ୍ତା ବ୍ରଜବନ୍ଧୁ ପ୍ରଧାନ, ବ୍ରହ୍ମଗିରିର ପବିତ୍ର ମୋହନ ଦଳାଇ, ବିଶ୍ୱଜିତ ବଡଜେନା, ଯୁବନେତା ଆର୍ତ୍ତତ୍ରାଣ ପ୍ରଧାନ, ନାରୀନେତ୍ରୀ ରଞ୍ଜିତା ସାହୁ, ବନିତା ବରାଳ, ବନବାସିନୀ ମହାପାତ୍ର, ପୁଷ୍ପଲତା ମହାପାତ୍ର ପ୍ରମୁଖ ଯୋଗଦେଇ ଚିଲିକା ହ୍ରଦ ଉପରେ ସେତୁ ନିର୍ମାଣ ସପକ୍ଷରେ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହି ବିତର୍କରେ ଭାଜପା ନେତା ଜଗଦେବ କହିଥିଲେ, ବ୍ରହ୍ମଗିରିରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏଠାରେ ବ୍ରିଜ ହୋଇପାରୁ ନାହିଁ। ତେଣୁ ଜନସାଧାରଣ ଦଳମତ ନିର୍ବିଶେଷରେ ଚିଲିକାରେ ସେତୁ ନିର୍ମାଣ ପାଇଁ ଗଣଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଚିଲିକାରେ ସେତୁ ନିର୍ମାଣ କରାଗଲେ ଏଠାରୁ ୪୩କିମି ଦୂରରେ ଅବସ୍ଥିତ ନଳବଣ ପକ୍ଷୀ ଅଭୟାରଣ୍ୟ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସଭାରେ ମତ ପ୍ରକାଶ ପାଇଛି।

## କୃଷି ଯନ୍ତ୍ରପାତିର ଉଦ୍‌ଘାଟନ କଲେ ମନ୍ତ୍ରୀ

**ନିମାପଡ଼ା,୧୬।୮(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଓଳାସଁ ସରକାରୀ କୃଷିଫାର୍ମକୁ ସରକାରଙ୍କ ପକ୍ଷରୁ ତଥା ପୁରୀ ଜିଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ପ୍ରାୟ ସାଢ଼େ ୧୩ଲକ୍ଷ ଟଙ୍କାର ନୂତନ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ଓଳାସଁ କୃଷି ଫାର୍ମଠାରେ ଆୟୋଜିତ ଏକ ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ପ୍ରଦତ୍ତ ଏହି ନୂତନ କୃଷିଯନ୍ତ୍ରପାତଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଅନୀଲ କୁମାର ଦାଶ, ଓଳାସଁ ଫାର୍ମର କୃଷି ଓଭରସିଅର ମନୋଜ କୁମାର ମହାନ୍ତି, ନିମାପଡ଼ା କୃଷି ଜିଲା ଅଧିକାରୀ ଶରତ ପରିଡ଼ା, ସହକାରୀ କୃଷିଯନ୍ତ୍ରୀ ଆଶାପୂର୍ଣ୍ଣ ସେଠୀ, ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ଦାଶ, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ, ପଞ୍ଚାୟତ ସମିତି ଉପାଧକ୍ଷ ଅଜୟ ସ୍ୱାଇଁ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇ ଓଳାସଁ କୃଷି ଫାର୍ମକୁ କୃଷିର ବିକାଶ ପାଇଁ ଟ୍ରାକ୍ଟର, ସ୍ପ୍ରେୟର, ପାୱାର ଉଇଡର, ରୋଟାଭେଟର, ଟ୍ରାସପ୍ଲାଣ୍ଟର, ଗ୍ରାସ କଟର ଆଦି ନୂତନ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବାରୁ ଅତିଥିମାନେ ଜିଲା ମୁଖ୍ୟ କୃଷି ବିଭାଗର ଏହି ପଦକ୍ଷେପକୁ ସାଧୁବାଦ ଜଣାଇଛନ୍ତି। ଏହି ସମାରୋହରେ ଜିଲା ଓ ନିମାପଡ଼ା କୃଷି ବିଭାଗର ବହୁ କୃଷି ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ଓ ଚାଷୀମାନେ ଯୋଗଦେଇଥିଲେ।


ନୂତନ କୃଷି ଯନ୍ତ୍ରପାତିକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

# ମାନବିକତା ଦେଖାଇଲେ ତହସିଲଦାର

**ଡେଲାଙ୍ଗ,୧୬।୮(ଡି.ଏନ୍.ଏ.)**


ତହସିଲଦାର ମହେନ୍ଦ୍ର ବଢ଼େଇ ଛାତ୍ରୀ ଲୋଜି ବେହେରାଙ୍କୁ ଲାପ୍‌ଟପ୍ ପ୍ରଦାନ କରୁଛନ୍ତି।

- ମେଧାବୀ ଛାତ୍ରୀଙ୍କୁ ଦେଲେ ଲାପ୍‌ଟପ
- ରୋଗୀଙ୍କୁ ଦେଲେ ହ୍ୱିଲ୍ ଚେୟାର

ସ୍ୱାଧୀନତା ଦିବସ ଅବସରରେ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଢ଼େଇଙ୍କ ମାନବିକତା ଦେଖିବାକୁ ମିଳିଛି। ଅସହାୟତାରେ ଥିବା ଜଣେ ଗରିବ ଛାତ୍ରୀଙ୍କୁ ଲାପଟପ ଓ ପକ୍ଷାଘାତରେ ପୀଡ଼ିତ ଜଣେ ରୋଗୀଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ କରିଥିଲେ ତହସିଲଦାର ବଢେଇ। ଚାଇଁପୁର ପଞ୍ଚାୟତ ଗୋରଡାପିଡି ଗ୍ରାମର ଡିପ୍ଲୋମା ଛାତ୍ରୀ ଲୋଜି ବେହେରା ଜଣେ ମେଧାବୀ ଛାତ୍ରୀ ହୋଇଥିବାବେଳେ ଆର୍ଥିକ ଅଭାବରୁ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର କଲେଜରୁ ଆଣିପାରି ନ ଥିଲେ। ଏଥିପାଇଁ ଗତ ଜାନୁଆରୀରେ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟରେ ନିୟୋଜିତ ହୋଇ ମୁଣ୍ଡରେ ମାଟି ବୋହୁଥିଲେ। ଏହି ଘଟଣା ଗଣମାଧବରେ ପ୍ରସାରିତ ହେବା ପରେ ସରକାର ସହାୟତାର ହାତ ବଢ଼ାଇ ପ୍ରମାଣପତ୍ର ମୁକାଳିବାରେ ସହାୟକ ହୋଇଥିଲେ। ଉଚ୍ଚଶିକ୍ଷାରେ ସହାୟ ନିମନ୍ତେ ତହସିଲଦାର ସ୍ୱାଧୀନତା ଦିବସ ଅବସରରେ ନିଜ ପକେଟରୁ ଲାପଟପ ପ୍ରଦାନ କରିଛନ୍ତି।

ସେହିପରି ପ୍ରହରାଜପୁର ଗ୍ରାମସ୍ଥିତ ଦଳିତ ବସ୍ତିର କାର୍ତ୍ତିକ ବେହେରାଙ୍କ ସ୍ତ୍ରୀ ମଞ୍ଜୁ (୪୪) ବ୍ରେନଷ୍ଟୋକରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ। ସ୍ୱାମୀ ଦିନମଜୁରିଆ କାମ କରୁଥିବା ବେଳେ ସ୍ତ୍ରୀଙ୍କ ଚିକିତ୍ସା କରାଇବାରେ ସେ ଅସମର୍ଥ। ଅର୍ଥାଭାବରୁ ସେ ଏବେ ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି। ଏହି ଘଟଣା ବିଷୟରେ ଗଣମାଧମ ପ୍ରତିନିଧିଙ୍କଠାରୁ ଅବଗତ ହେବା ପରେ ତହସିଲଦାର ବଢେଇ ତାଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି। ଏହା ସହିତ ସରକାରୀ ସ୍ତରରୁ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ଆଶ୍ୱସନା ଦେଇଥିଲେ। ସ୍ଥାନୀୟ ଜନସାଧାରଣ ତହସିଲଦାରଙ୍କ ମଣିଷପଣିଆକୁ ପ୍ରଶଂସା କରିଛନ୍ତି। ସହାୟତା ପ୍ରଦାନ ସମୟରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ଚାଇଁପୁର ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଦଫା ଦାବି ନେଇ ଶ୍ରୀଜଗନ୍ନାଥ ସେନାର ଦାବିପତ୍ର

**ପୁରୀ ଅଫିସ,୧୬।୮**

ଶ୍ରୀଜଗନ୍ନାଥ ସେନା ପକ୍ଷରୁ ୭ ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀମନ୍ଦିର ଚାରିଦ୍ୱାରର ବିଶେଷ ମହତ୍ୱ ରହିଛି। ତେଣୁ ଆବାହନକାଳରୁ ଶ୍ରଦ୍ଧାଳୁ ଚାରିଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରୁଥିଲେ। କିନ୍ତୁ ପ୍ରଶାସନ ତା’ଉପରେ ରୋକ ଲଗାଇଛି। ସେହିପରି ମନ୍ଦିର ମରାମତି ଆଳରେ ସିଂହଦ୍ୱାରରେ ଥିବା ଦଶବତାର ମୂର୍ତ୍ତିକୁ ଏଏସ୍‌ଆଇ କାଢି ନେଇଛି, ଯାହା ଦୁର୍ଭାଗ୍ୟର ବିଷୟ। ୨୦୨୦ ମସିହା ରଥଯାତ୍ରାର ସ୍ମୃତି ଭାବେ ତିନି ରଥକୁ ପ୍ରଶାସନ ସଂଗ୍ରହାଳୟରେ ରଖିବାକୁ ନିଷ୍ପତ୍ତି ନେଇଥିଲା, ଯାହା ପ୍ରଶାସନ ନିଷ୍ପତ୍ତିରୁ ଓହରିଯାଇଛି। ଫଳରେ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଲାଗିଛି। ତେଣୁ ସରକାର ଶ୍ରୀମନ୍ଦିର ଚାରିଦ୍ୱାରରେ ପୁରୀବାସୀଙ୍କୁ ପ୍ରବେଶ ଅନୁମତି, ରତ୍ନଭଣ୍ଡାର ଯାଞ୍ଚ ଓ ସୁରକ୍ଷା, ଆଦି ଦାବି ନେଇ ସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବି ସରକାର ତୁରନ୍ତ ପୂରଣ ନ କଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେନା ଚେତାବନୀ ଦେଇଛି।